## ସଂକ୍ଷେପରେ

### ପିକ୍‌ନିକ କରିବାକୁ ଆସିଥିଲେ: ନଦୀରେ ବୁଡି ଯୁବକ ମୃତ

ଗୁଡ଼ଭେଲା,୧୭।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଜାମୁଟ ପଞ୍ଚାୟତ ଅନ୍ତର୍ଗତ ଗଦଗଦାକୁ ଶନିବାର ପିକ୍‌ନିକ କରିବାକୁ ଆସିଥିବା ଜଣେ ଯୁବକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ହେଲେ ତ୍ରିନାଥ ପ୍ରଧାନ(୩୫)। ଖଡଙ୍ଗ ନଦୀରେ ଗାଧୋଉ ଥିବା ବେଳେ ସେ ପାଣିରେ ବୁଡି ଯାଇଥିଲେ। ପାଣିରେ ବୁଡି ଯାଉଥିବା ଦେଖି ତାଙ୍କ ସହ ଆସିଥିବା ଲୋକେ ତ୍ରିନାଥଙ୍କୁ ଉଦ୍ଧାର କରି ଗୁଡଭେଲା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁଷୁରା ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିଥିଲା। ଲୋଇସିଂହା ବ୍ଲକ ତଲିଉଡାର ଗ୍ରାମର ତ୍ରିନାଥ ବଲାଙ୍ଗୀରରେ ରହୁଥିଲେ। ତାଙ୍କ ସ୍ତ୍ରୀ ଓ ଗୋଟିଏ ଛୋଟ ପିଲା ଅଛନ୍ତି। ସୂଚନା ଅନୁସାରେ ବଲାଙ୍ଗୀର ଲାଲଟିକିରାର ଆସେଟ ଫର୍ନିଚର ଦୋକାନ ମାଲିକ ଓ କେତେକ କର୍ମଚାରୀ ଗଦଗଦାକୁ ଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ତ୍ରିନାଥ ଅନ୍ୟତମ ଥିଲେ।

### ଗୁରଣ୍ଡା ହାଇସ୍କୁଲର ବାର୍ଷିକ କ୍ରୀଡା

ମୁରିବାହାଲ,୧୭।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ଗୁରଣ୍ଡା ହାଇସ୍କୁଲର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜୀବ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶହେ ମିଟର, ୨ଶହ ମିଟର ଦୌଡ଼,ଡିସକସ, ଶଟପୁଟ, ଖୋଖୋ, କବାଡି ଆଦି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା।। ୧୦୦ ମିଟର ଦୌଡ ୧୪ବର୍ଷରୁ କମ୍‌ବର୍ଗରେ ମୁକେଶ ବେହେରା, ୧୭ବର୍ଷରୁ କମ୍ ବର୍ଗରେ ଆଶିଷ ଭୋଇ, ବାଳିକା ବିଭାଗ ୧୦୦ମିଟର ଦୌଡରେ ପୂଜା ସାହୁ, ଶଟପୁଟରେ ଶିଶୁପାଳ ଭୋଇ, ଏକାମ୍ର ଭାଟି ଡ଼ିସକସ ଥ୍ରୋରେ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ୫ଖେଳାଳି ଆସନ୍ତା ୨୧ରୁ ୨୩ ପର୍ଯ୍ୟନ୍ତ ହେବାକୁ ଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବକୁ ମନୋନୀତ ହୋଇଛନ୍ତି। ଖେଳଶିକ୍ଷକ ନବୀନ ବିହାରୀ ସରାଫ, ସୁଶାନ୍ତ ବେହେରା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

### ବିଡିସିସି ବ୍ୟାଙ୍କ ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ

ଖପ୍ରାଖୋଲ,୧୭।୧୨(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଧାନ ମଣ୍ଡିକୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ(ବିଡିସିସି) ବ୍ୟାଙ୍କ ନବ ନିର୍ବାଚିତ ସଭାପତି ସ୍ମରକ ରଞ୍ଜନ ମିଶ୍ର ଶନିବାର ଗସ୍ତ କରିଥିଲେ। ଏହି ଅବସରରେ ଯୁରିଆ ଧାନମଣ୍ଡି ଗସ୍ତ କରି କାଗଜ ପତ୍ର ଦେଖିଥିଲେ। ଧାନ ବିକ୍ରି ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ପାକ୍ସ ସଭାପତି କନ୍ଦର୍ପ ସୁଆର, ସମ୍ପାଦକ ଶ୍ରୀପତି ଭୋଇ, ଯଦୁମଣି ରଣା, ପ୍ରଦୀପ ସିଂଦେଓ, ଅନ୍ତର୍ଯ୍ୟାମୀ ଦାଶ, କବିନ୍ଦ୍ର ଦାଶ, ସତ୍ୟାନନ୍ଦ ସାହୁ, ସୁନିଲ କୁମାର ହୋତା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା

ଦେଓଗାଁ,୧୭।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆ ଓ ସାଲେପାଲି ଖେଳପଡିଆରେ ଶନିବାର ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଦେଓଗାଁରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ବିଭାରଙ୍କ ପରିଚାଳନାରେ ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଅବସରରେ ସରପଞ୍ଚ ନୀନା ଛତ୍ରିଆ, ସମିତି ସଭ୍ୟା ମିନାକୁମାରୀ ସା ଯୋଗଦେଇଥିଲେ। ସାଲେପାଲି ଖେଳପଡିଆରେ ଇଓ ଶରତ କୁମାର ମହାନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ସରପଞ୍ଚ ବଲ୍ଲଭି ସାହୁ, ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ପାଟଖଣ୍ଡା ଦେହୁରୀ ସନ୍ତୋଷ ଥନାପତି, ସ୍ଥାନୀୟ ଶିକ୍ଷକ ଶିକ୍ଷା ତାଲିମକେନ୍ଦ୍ର ଅଧକ୍ଷ ଡ. ସୁଧାଂଶୁ ଭୂଷଣ ମେହେର,ଏବିଇଓ ଅଜିତ କୁମାର ମିଶ୍ର ଯୋଗଦେଇଥିଲେ। ହକି ପୁରୁଷ ବିଶ୍ୱକପ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପଞ୍ଚାୟତ ସ୍ତରରେ ୧୭ବର୍ଷରୁ କମ ପ୍ରତିଯୋଗୀମାନଙ୍କୁ ନେଇ ଖୋ ଖୋ ଓ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୧୮ତାରିଖ କ୍ଲଷ୍ଟରସ୍ତରୀୟ, ୨୨ରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ପରେ ଜିଲାସ୍ତରୀୟରେ କୃତି ପ୍ରତିଯୋଗୀମାନେ ଭାଗନେଇପାରିବେ।

# ସମନ୍ୱୟ ଦେଖାଇଲେ ଡାକ୍ତର-ପ୍ରଶାସକ

**ଛାତ୍ରଙ୍କ ବେକରେ ଜାଭେଲିନ୍ ପଶିଯିବା ଘଟଣା**

- ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ହେଲା ଅସ୍ତ୍ରୋପଚାର
- ୧୦ ଜଣିଆ ଡାକ୍ତରୀ ଟିମ୍ ଦେଖାଇଲେ ଦମ୍

ବଲାଙ୍ଗୀର ଅଫିସ, ୧୭।୧୨


ଆଗଲପୁର ହାଇସ୍କୁଲ ପଡିଆରେ ସିଏଚ୍‌ସି ଡାକ୍ତର ଆହତ ଛାତ୍ରଙ୍କୁ ଚିକିତ୍ସା କରୁଛନ୍ତି।

ଆଗଲପୁର ପଞ୍ଚାୟତ ହାଇସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଚାଲିଥିବାବେଳେ ଜଣେ ଛାତ୍ରଙ୍କ ବେକ ଭିତରେ ଜାଭେଲିନ୍ ପଶି ଯିବା ଖବର ଶନିବାର ପୂର୍ବାହ୍ନକୁ ସରଗରମ କରିଦେଇଥିଲା। ତେବେ ଏହି ଅଭାବନୀୟ ଦୁର୍ଘଟଣାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଡାକ୍ତରୀ ଟିମ୍ ଏବଂ ଜିଲାର ପ୍ରଶାସକ ଉତ୍ତମ ସମନ୍ୱୟ ପ୍ରଦର୍ଶନ କରିବାରୁ ଅପରାହ୍ଣ ପର୍ଯ୍ୟନ୍ତ ଏହା ବିରଳ ସଫଳତାର ଫର୍ଦ୍ଦ ଭାବେ ଚର୍ଚ୍ଚିତ ହୋଇ ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଥିଲା।

ଡାକ୍ତର ଏବଂ ପ୍ରଶାସକଙ୍କ ଉତ୍ତମ ସମନ୍ୱୟ, ତ୍ୱରିତ ପଦକ୍ଷେପ ଏବଂ ଦକ୍ଷତା ତଥା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ବେକରେ ଜାଭେଲିନ୍ ପଶିଥିବା ଗୁରୁତର ଛାତ୍ରଙ୍କୁ ଭୀମଭୋଇ ମେଡିକାଲ କଲେଜରେ ନୂଆ ଜୀବନ ମିଳିଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ୧୦ଟା ମଧ୍ୟରେ ଆଗଲପୁର ହାଇସ୍କୁଲ ପଡିଆରେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେର (୧୪)ଙ୍କ ବେକ ଭିତରେ ଏକ ଜାଭେଲିନ୍ ଗଳି ଯାଇଥିଲା। ଏହି ଖବର ପାଇବା ପରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା ବେଣୁଧର ପ୍ରଧାନ ହାଇସ୍କୁଲ ପଡିଆରେ ପହଞ୍ଚି ଛାତ୍ରଙ୍କ ପ୍ରାଥମିକ ଚିକିତ୍ସା କରି ତୁରନ୍ତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଏବଂ ଷ୍ଟାଫ୍‌ଙ୍କ ପକ୍ଷରୁ ବ୍ଲକ୍ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସକୁ ସୂଚନା ଦିଆଯାଇଥିଲା। ଘଟଣା ସମ୍ପର୍କରେ ତୁରନ୍ତ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସୂଚନା ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଏଡିଇଓ କେଶବ ଚନ୍ଦ୍ର ମେହେର ହସ୍ପିଟାଲରେ ପହଞ୍ଚି ଥିଲେ। ଏଡିଏମଓ ତଥା କନସଲଲାଣ୍ଟସର୍ଜନ ଡା ପ୍ରଭାତ କୁମାର ରଥ ୧୦ ଜଣିଆ ଡାକ୍ତରୀ ଟିମ୍ ପ୍ରସ୍ତୁତ କରିଥିଲେ। ପ୍ରାୟ ସାଢ଼େ ୧୧ଟାରେ ୧୦୮ ଆମ୍ବୁଲାନ୍ସରେ ଆହତ ଛାତ୍ର ସଦାନନ୍ଦଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଣାଯାଇଥିଲା। ତାଙ୍କ ବେକରେ ପ୍ରାୟ ୬ ଫୁଟ୍ ଲମ୍ବ ଜାଭେଲିନ୍ ଗଳି କରି ରହିଥିଲା। ଆଗଲପୁର ସିଏଚ୍‌ସି ଡା ବେଣୁଧର ପ୍ରଧାନ ଆହତ ଛାତ୍ର ସହ ବଲାଙ୍ଗୀର ପର୍ଯ୍ୟନ୍ତ ଆସିଥିଲେ। ଅସ୍ତ୍ରୋପଚାର କକ୍ଷରେ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା ଶ୍ରୀକାନ୍ତ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ଡା ରଞ୍ଜନ ମେହେର, ଏଡିଏମ୍‌ଓ ଡା ପ୍ରଭାତ ରଥ, ଡା. ସ୍ୱାତିରେଖା ନାୟକ, ନିଶ୍ଚେତକ ଡା. ଦୀପକ ଅଗ୍ରୱାଲ, ଇଏନ୍‌ଟି ବିଭାଗ ଡା ରଞ୍ଜନ ଗୁରୁ, ରେଡିଓଲଜିଷ୍ଟ ଡା ଦିନେଶ ଅଗ୍ରୱାଲ, ଓଟି ଷ୍ଟାଫ୍, ଆଟେଣ୍ଡାଣ୍ଟ ଅଟକି ରହିଥିଲେ। ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ଏକ୍ସରେ ମେସିନ୍, ଅଲଟ୍ରାସାଉଣ୍ଡ ମେସିନ୍‌କୁ ସର୍ଜରୀ ବିଭାଗକୁ ନିଆଯାଇଥିଲା। ଛାତ୍ରଙ୍କ ଗଳାର ବିଶେଷ କ୍ଷତି ହୋଇ ଥିବାରୁ ସେଠାରେ ଅସ୍ତ୍ରୋପଚାର କରିପାରିବେ ବୋଲି ଡାକ୍ତରମାନେ ସାହସ ଦେଖାଇଥିଲେ। ଦୀର୍ଘ ୩ ଘଣ୍ଟାର ଅସ୍ତ୍ରୋପଚାର ପରେ ଛାତ୍ରଙ୍କ ବେକରୁ ଜାଭେଲିନ ବାହାରିଥିଲା।

### ଅଧିକାରୀ କରିବେ ତଦନ୍ତ

ସଫଳ ଅସ୍ତ୍ରୋପଚାର ପରେ ଛାତ୍ର ଜଣକ ଏବେ ବିପଦମୁକ୍ତ ଅଛନ୍ତି। କିଭଳି ପରିସ୍ଥିତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଲା ତାର ତଦନ୍ତ କରାଯିବ। ଉପଯୁକ୍ତ ଅଧିକାରୀ ଏହି ଘଟଣାର ତଦନ୍ତ କରିବେ ବୋଲି ଏଡିଏମ୍ ଲମ୍ବୋଦର ଧରୁଆ ଏବଂ ଡିଇଓ ଧ୍ରୁବଚରଣ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ସଦାନନ୍ଦଙ୍କ ସାହସକୁ ପ୍ରଶଂସା

ବେକର ଏପଟୁ ସେପଟ ଜାଭେଲିନ ଗଳି ଯିବା ପରେ ମଧ୍ୟ ଛାତ୍ର ସଦାନନ୍ଦ ମେହେର (୧୪) ଯେଉଁ ଅସୀମ ସାହସ ଓ ଧୈର୍ଯ୍ୟ ଦେଖାଇଛନ୍ତି ତାକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ବେକରେ ପ୍ରାୟ ୬ ଫୁଟ ଲମ୍ବ ଜାଭେଲିନ୍ ଗଳି ଯାଇଥିବା ଜାଣିବା ପରେ ମଧ୍ୟ ଛାତ୍ର ସଦାନନ୍ଦ ବିଚଳିତ ହୋଇ ନ ଥିଲେ। ପ୍ରବଳ କଷ୍ଟକୁ ସହି ସେ ଅବିଚଳିତ ଭାବେ ଏକ ଘଣ୍ଟା କାଳ ଆଗଲପୁରରୁ ପ୍ରାୟ ୫୦ କିଲୋମିଟର ଦୂର ବଲାଙ୍ଗୀର ଆମ୍ବୁଲାନ୍ସରେ ଯାତ୍ରା କରିଥିଲେ। ଡାକ୍ତରୀ ଟିମ୍, ପ୍ରଶାସକଗଣ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ସମସ୍ତେ ସଦାନନ୍ଦଙ୍କ ସାହସ ଓ ଧୈର୍ଯ୍ୟକୁ ପ୍ରଶଂସା କରିଥିଲେ। ଡିଇଓ ଧ୍ରୁବଚରଣ ବେହେରା କହିଥିଲେ ଛାତ୍ର ସଦାନନ୍ଦଙ୍କ ସାହସକୁ ସାଲୁଟ୍ କରୁଛି।

### ମାହେଶ୍ୱରୀ ସ୍ୱେଚ୍ଛାସେବୀ, ଆମ୍ବୁଲାନ୍ସ ଷ୍ଟାଫ୍‌ଙ୍କୁ କୃତଜ୍ଞତା

ଆଗଲପୁର ହାଇସ୍କୁଲ ପଡିଆରେ ସଦାନନ୍ଦଙ୍କ ବେକରେ ଜାଭେଲିନ୍ ପଶିଯିବା ଖବର ପାଇବା ପରେ ସ୍ୱେଚ୍ଛାସେବୀ ସଙ୍ଗଠନ ମାହେଶ୍ୱରୀ ସଂଯୋଜକ ସନ୍ୟାସୀ ମେହେର ଓ ସହଯୋଗୀମାନେ ସ୍ଥାନୀୟ ଡାକ୍ତରଙ୍କ ଡାକିବାଠାରୁ ଆଣିବା ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେବା କରିଥିଲେ। ଏହା ସହିତ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ସୁଦାମ ମାଝି, ଫର୍ମାଶିଷ୍ଟ ମିତ୍ରଭାନୁ ସାହୁ ଘଟଣାର ଗୁରୁତ୍ୱକୁ ବୁଝି ଠିକଣା ସମୟରେ ଅତି ସତର୍କତାର ସହ ଆହତ ଛାତ୍ରଙ୍କୁ ବଲାଙ୍ଗୀର ଆଣିବାରେ ଦାୟିତ୍ୱ ସମ୍ପାଦନ କରିଥିଲେ। ସମସ୍ତ ଡାକ୍ତର, ପ୍ରଶାସକ, ସ୍ୱେଚ୍ଛାସେବୀ, ଆମ୍ବୁଲାନ୍ସ ଷ୍ଟାଫ୍, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସଦାନନ୍ଦଙ୍କ ବାପା ଗୁରୁଦେବ ମେହେର କୃତଜ୍ଞତା ଜଣାଇଛନ୍ତି।

### ବନ ବିଭାଗ ଚଢାଉ: ଶାଗୁଆନ ପଟ୍ଟା ଜବତ

ଲୋଇସିଂହା,୧୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଞ୍ଜିପାଲି ଗ୍ରାମରେ ବନ ବିଭାଗ ଶନିବାର ଚଢାଉ କରି ଶାଗୁଆନ ପଟ୍ଟା ଓ ବଢେଇ କାମରେ ବ୍ୟବହୃତ ଯନ୍ତ୍ରାଂଶ ଜବତ କରିଛି। ଗ୍ରାମର ହରିଜନ ବସ୍ତି ପଛପଟେ ଥିବା ସରକାରୀ ଜମିରେ ଏକ ଅର୍ଦ୍ଧ ନିର୍ମିତ ଘରେ ଦୀର୍ଘଦିନରୁ ବେଆଇନ ଭାବେ ବଢେଇ କାମ ଚାଲିଥିବା ଡିଏଫଓ ନୀତିଶ କୁମାରଙ୍କୁ ସୂଚନା ମିଳିଥିଲା। ଡିଏଫଓଙ୍କ ନିର୍ଦ୍ଦେଶରେ ଲୋଇସିଂହା ରେଞ୍ଜ ଫରେଷ୍ଟର ଠଣସୁନ୍ଦର ଧରୁଆ ଓ ଷ୍ଟାଫ ଚଢାଉ କରିଥିଲେ।ସେଠାରୁ ୩.୮ ସିଏଫଟି ଶାଗୁଆନ ପଟ୍ଟା ଓ ପ୍ରାୟ ୫୦ ହଜାର ଟଙ୍କାର ବଢେଇ ଯନ୍ତ୍ରାଂଶ ଜବତ କରାଯାଇଛି। ତଦନ୍ତ ଜାରି ରହିଥିବା ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି।

### ଆର୍ଥିକ ସାକ୍ଷରତା ସଚେତନତା ଶିବିର

କଣ୍ଟାବାଞ୍ଜି,୧୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ସମବାୟ ସମିତି ପରିସରରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କଣ୍ଟାବାଞ୍ଜି ଶାଖା ଅଧୀନ ତୁରେକେଲା, ଧାମନଡଙ୍ଗା, ଚଟୁଆନକା, ଘୁନେଶ, ଡୋଲମାନ୍ଦଲ, ମହଖଣ୍ଡ, କୁଇବାହାଲ, ଖଗସା, ମହୁଲପାଟି ସେବା ସମବାୟ ସମିତିର ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ନେଇଥିବା ଋଣ କିପରି ଠିକ୍ ସମୟରେ ପଇଠ କରିବେ ସେ ନେଇ ସଚେତନ କରାଯାଇଥିଲା। ଏହି ଶିବିରରେ ବିଡିସିସି ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାସ, ଅତିରିକ୍ତ ଋଣ ସଂଗ୍ରହକାରୀ ମହାପ୍ରବନ୍ଧକ ସାମନ୍ତ ସାହୁ, ଏକାଉଣ୍ଟ ମ୍ୟାନେଜର ସୁଧିର କୁମାର ନନ୍ଦ, କଣ୍ଟାବାଞ୍ଜି ଶାଖା ପରିଚାଳକ ଯୋଗେଶ୍ୱର ମାଝି, ତୁରେକେଲା ପାକ୍ସ ସଭାପତି କିଶୋର ବେହେରା ଉପସ୍ଥିତ ଥିଲେ।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା: କଣ୍ଟାବାଞ୍ଜି ଚାମ୍ପିୟନ

ଲାଠୋର, ୧୭।୧୨(ଡି.ଏନ.ଏ.)


ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସ ଅପ ଯୋଡି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଷ୍ଟେଶନ ପଡ଼ାରେ ଦୁଇଦିନ ଧରି ଚାଲିଥିବା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩୨ଟି ଦଳକୁ ନେଇ ଚାଲିଥିବା ପ୍ରତିଯୋଗିତାର ଫାଇନାଲ ମ୍ୟାଚ କଣ୍ଟାବାଞ୍ଜିର ହେମାନନ୍ଦ ସାଣ୍ଡ ଓ ଜୟଦ୍ରଥ ବିଶି ଯୋଡି ଏବଂ ଲାଠୋରର ତାପସ ସାଣ୍ଡ ଓ ରୋହିତ ଖୁଣ୍ଟିଆଙ୍କ ଯୋଡି ମଧ୍ୟରେ ହୋଇଥିଲା। ଏଥିରେ କଣ୍ଟାବାଞ୍ଜି ଦଳ ଚାମ୍ପିୟନ ହୋଇଥିଲା। ପ୍ରୀତମ ଅଗ୍ରୱାଲ ଖେଳ ପରିଚାଳନା, ପୂର୍ଣ୍ଣଚନ୍ଦ୍ର ଭଇଁଷାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲାଠୋର ରେଞ୍ଜର ପ୍ରଭାତୀ ସେଠ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପୋଲିସ ଏସଆଇ ଦେବାର୍ଜନ ମିର୍ଦ୍ଧା, ପ୍ରବୀଣ ଅଗ୍ରୱାଲ, ସୁଶିଲ ଅଗ୍ରୱାଲ, ନୀଳମଣି ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଖେଳାଳି ସଦାନନ୍ଦ ବେହେରା ଏବଂ ଗଙ୍ଗାଧର ଭଇଁଷାଲଙ୍କୁ ସମ୍ମାନିତ କରାଯାଇଥିଲା। ଜୟ ମା' ବନ୍ଦ୍ରେନ ବ୍ୟାଡ଼ମିଣ୍ଟନ କ୍ଲବ ସଭାପତି ଜୟଦେବ ସାଣ୍ଡଙ୍କ ଆବାହକତ୍ୱରେ ଆୟୋଜିତ ଟୁର୍ନାମେଣ୍ଟର ସଫଳ ସମାପନରେ ସୁଶାନ୍ତ ବେହେରା, ମୁକେଶ ସିନ୍ଧୁର, ସୁନୀଲ ଘିବେଲା, ଆକାଶ ନାଏକ ସହଯୋଗ କରିଥିଲେ।

## ମହିଳାଙ୍କ ପର୍ସ ଚୋରି କରିଥିବା ଚୋର ଧରାପଡିଲେ

ଲୋଇସିଂହା,୧୭।୧୨(ଡି.ଏନ.ଏ)

ବଲାଙ୍ଗୀର ନୂତନ ବସ୍ ଟର୍ମିନାଲରୁ ଜଣେ ମହିଳା ଯାତ୍ରୀଙ୍କ ପର୍ସ ଶୁକ୍ରବାର ଚୋରି ହୋଇଥିଲା। ଏହି ଘଟଣାରେ ଲୋଇସିଂହା ପୋଲିସ ଜଣେ ବ୍ୟକ୍ତିଙ୍କୁ ରୁଗୁଡିଖାଲ ଛକରୁ ଧରିଛି। ତାଙ୍କୁ ବଲାଙ୍ଗୀର ସଦର ଥାନା ଜିମା ଦିଆଯାଇଛି। ଚୋର ଜଣକ ନଅଗାଁ(ଖ) ଗ୍ରାମର। ତାଙ୍କ ନାମରେ ଲୋଇସିଂହା ଥାନାରେ ଏକାଧିକ ମାମଲା ରହିଛି। ସୂଚନାମତେ, ବଲାଙ୍ଗୀର ଆରଆର ନଗରର ସରୋଜ ବେହେରାଙ୍କ ସ୍ତ୍ରୀ ସତ୍ୟଭାମା ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଯାଇଥିଲେ। ଡୁଙ୍ଗରିପାଲିରେ ଜୟ ମାତାଦି ବସ(ଓଡି୧୫ଏନ ୩୪୭୪)ରେ ସେ ବଲାଙ୍ଗୀର ଆସିଥିଲେ। ବଲାଙ୍ଗୀର ବସ୍ ଟର୍ମିନାଲରେ ତାଙ୍କ ପର୍ସ ଚୋରି ହୋଇଯାଇଥିଲା। ବର୍ସରେ କାମ କରୁଥିବା ଜଣେ ଯୁବକ ତାଙ୍କ ପର୍ସ ନେଇଯାଇଥିବା ସେ ଜାଣିବାକୁ ପାଇଥିଲେ। ହେଲେ କୌଶଳ କରି ସେ ସେଠାରୁ ଖସି ଯାଇଥିଲେ। ସତ୍ୟଭାମାଙ୍କ ପର୍ସରେ ନଗଦ ୫ ହଜାର ଟଙ୍କା, ପାଉଁଜି ଓ ଗୋଟିଏ ସୁନା ଲକେଟ ଥିଲା। ଏନେଇ ସେ ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିଥିଲେ।

## ୨୫୦ ହେକ୍ଟର ଜମିରେ ମୁଗଚାଷ ଲକ୍ଷ୍ୟ


ବ୍ଲକ ବୈଷୟିକ ଦଳ ବୈଠକରେ ଉପସ୍ଥିତ ଅଧିକାରୀ।

ଦେଓଗାଁ,୧୭।୧୨(ଡି.ଏନ.ଏ)

**ବ୍ଲକ ବୈଷୟିକ ଦଳ ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ଶନିବାର ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ପ୍ରାଣୀଧନ ଚିକିତ୍ସକ ଚନ୍ଦ୍ରମଣୀ ସାହୁ ଯୋଗଦେଇ ଇଣ୍ଟିଗ୍ରେଟେଡ ଫାର୍ମିଙ୍ଗ ଯୋଜନାର ସମୀକ୍ଷା କରିଥିଲେ। ଏହି ଯୋଜନାରେ ଗାଈ, ଛେଳି, କୁକୁଡା ଆଦି ଚାଷ ବିଷୟରେ ଆଲୋଚନା ହୋଇଥିଲା। ପରେ କ୍ରପ କଟିଙ୍ଗ, ରବିଧାନ ଚାଷ, ମୁଗ ଚାଷ ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବ୍ଲକରେ ୨୫୦ ହେକ୍ଟର ମୁଗଚାଷ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଏହାସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏଫଇଏସ ବ୍ଲକ ସଂଯୋଜକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ କ୍ରପ ୱାଟର ବଜେଟିଂ, କ୍ରପ କଟିଙ୍ଗ ତଥା ନିରନ୍ତର କୃଷି ବିଷୟରେ ଆଲୋକପାତ କରିଥିଲେ।

## ଯୋଗୀସର୍ଡା ମହା ଶିବରାତ୍ରି ମେଳା ପ୍ରସ୍ତୁତି

ଲୋଇସିଂହା,୧୭।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଶୈବପୀଠରେ ଆଗାମୀ ମହାଶିବରାତ୍ରି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ସରପଞ୍ଚ ଅଶୋକ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃୟାରୀ ୧୩ରୁ ମେଳା ଆରମ୍ଭ ହେବ। ଏଥିପାଇଁ ପାରାୟଣ, ଶିବପୁରାଣ ପଠନ ସହ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ ପାଇଁ ମୀନବଜାର ପଡିବ। ଏହିଅବସରର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ସର୍ବସମ୍ମତି କ୍ରମେ ଅଶୋକ କୁମାର ମିଶ୍ର ସଭାପତି, ଅଭିନାଶ ମିଶ୍ର ସମ୍ପାଦକ, ଶତ୍ରୁଘ୍ନ ନାଏକ ସହସମ୍ପାଦକ,ସଚ୍ଚିଦାନନ୍ଦ ଷଡଙ୍ଗୀ କୋଷାଧକ୍ଷ ମନୋନୀତ ହୋଇଛନ୍ତି।

## ଦେଓଗାଁ ଡିଗ୍ରୀ କଲେଜରେ ସ୍ୱାଗତ ସମାରୋହ

ଦେଓଗାଁ,୧୭।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ପ୍ରତିଭା ବିକାଶ କରି ନିଜର ଉପସିତ ଲକ୍ଷ୍ୟ ସାଧନ କରିବା ପାଇଁ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ଅଧାପିକା ମଞ୍ଜରୀ ପୋଡ଼, ରସାୟନ ଶାସ୍ତ୍ର ଅଧ୍ୟାପିକା ଶାରଦା ଭଞ୍ଜଦେଓ, ବାଣିଜ୍ୟ ବିଭାଗ ଅଧାପକ ମଣ୍ଟୁରଞ୍ଜନ ସା ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ପରେ ଅଧାପକ ମହେଶ କୁମାର ମେହେରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସ୍ୱାଗତ ସମାରୋହରେ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ରମାନେ।

## ଅଷ୍ଟମ ତାରକା ସ୍ମାରକୀ ଫୁଟବଲ: ଲୁଚିକିବନ୍ଧକୁ ଟାଇଟଲ

ମୁରିବାହାଲ, ୧୭।୧୨(ଡି.ଏନ.ଏ.)



ଟ୍ରଫି ସହ ଚାମ୍ପିୟନ ଦଳ ଖେଳାଳିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ବନବହାଲ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଂଘ ଆନୁକୂଲ୍ୟରେ ୧୪ତମ ଅଷ୍ଟମ ତାରକା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ବନବାହାଲ ଖେଳ ପଡିଆରେ ଅନୁଷ୍ଠିତ ଫଇନାଲ ଖେଳ ଚଲକି ଓ ଲୁଚିକିବନ୍ଦ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ୫-୩ ଗୋଲରେ ଲୁଚକିବନ୍ଦ ବିଜୟୀ ହୋଇ ଚାମ୍ପିୟନ ହୋଇଛି।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ସହକାରୀ ଯନ୍ତ୍ରୀ ଅବିନାଶ ମୋଡି, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଡା, ଶିକ୍ଷାବିତ୍ ରାଜୀବ କୁମାର ମହାନ୍ତି, ପତ୍ରପାଲି ସମିତି ସଭ୍ୟ ସନ୍ୟାସୀ ପୁଟେଲ, କ୍ରୀଡାବିତ ଜେମାକାନ୍ତ ବାଗ, ଭୀମ ସେନ ବାଗ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଚଲକି ଦଳର ବିଶ୍ୱନାଥ, ଶ୍ରେଷ୍ଠ ଡିଫେନ୍ସ ଚଲକିର ଭିକାରୀ, ଶ୍ରେଷ୍ଠ ସ୍କୋରର ଲୁଚକିବନ୍ଦର ଜୟନ୍ତ, ଶ୍ରେଷ୍ଠ ଗୋଲକିପର ଦୀପକ ସାହୁ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଲୁଚକିବନ୍ଦର ଲୁପୁନଙ୍କୁ ପୁରସ୍କାତ କରାଯାଇଥିଲା। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଅଶ୍ୱନି ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ଗୋପବନ୍ଧୁ ଭୋଇ, ଉପସଭାପତି ରାଜୀବ କୁଅଁର, ସୁରେଶ ଧାରୁଆ, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ନାଏକ, ସମ୍ପାଦକ ଗିରିଧାରୀ ମଲ୍ଲିକ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଭାରତ ମଲ୍ଲିକ।

# ରାତିଅଧିଆ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ୍/ସରଣ୍ଡା/ଅତାବିରା, ୧୭।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ୪ଜଣ ଚାଷୀନେତାଙ୍କୁ ସେମାନଙ୍କ ଘରୁ ଉଠାଇ ନେଇଛି। ସମ୍ପୃକ୍ତ ଚାଷୀନେତାମାନେ ହେଲେ ଅତାବିରା ଥାନା ବାବେବିରା ଗ୍ରାମର ବିରେନ୍ଦ୍ର କୁମାର କର(୫୦), ଗୌରଟିକ୍ରାର ଡି. ଜୟକୁମାର(୬୧), ଉପଲପଟି ଉଅରବାବୁ(୩୮) ଏବଂ ନୂଆ ଖଇରପାଲିର ବାବି ଓରଫ୍ ମାନ୍ୟମ ଭେଙ୍କଟ ରାଓ(୪୦)। ସେମାନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସମ୍ପୃକ୍ତ ଚାଷୀନେତାଙ୍କ ବିରୋଧରେ ଅତାବିରା ଥାନା ଏଏସ୍ଆଇ ଟି. କେ. ସେନାପତିଙ୍କ ଏତଲାକ୍ରମେ ଦଫା ୧୨୦(ବି), ୧୪୩, ୩୪୧, ୨୯୪, ୨୮୩, ୧୮୬, ୩୫୪(ଏ), ୫୦୯, ୧୪୯ ଆଇପିସିରେ ଏକ ମାମଲା (ନଂ.୪୧୯/୨୨) ରୁଜୁ ହୋଇଛି। ଗତ ୨ତାରିଖରେ ଗୋଡ଼ଭଗା ମାର୍କେଟ୍ ୟାର୍ଡ଼ ସମ୍ମୁଖ ୫୩ ନଂ. ଜାତୀୟ ରାଜପଥ ଅବରୋଧ ଘଟଣାରେ ସେମାନଙ୍କୁ ଗରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଚାଷୀନେତାଙ୍କୁ ରାତିଅଧିଆ ଗିରଫ ଏବଂ ସେମାନଙ୍କ ବିରୋଧରେ ପୋଲିସ ସଙ୍ଗୀନ ଦଫା ଲଗାଇବା ଘଟଣାକୁ ନେଇ ଅସନ୍ତୋଷ ତେଜି ଉଠିଛି । ପୋଲିସର ଏଭଳି ଗିରଫଦାରି ପ୍ରତିବାଦରେ ଅତାବିରା ଅଞ୍ଚଳର ଶତାଧିକ ଚାଷୀ ସ୍ଥାନୀୟ ଥାନା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଛନ୍ତି।


ପୋଲିସ ଗିରଫଦାରି ପ୍ରତିବାଦରେ ଅତାବିରା ଥାନା ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ଧାନ ସଂଗ୍ରହ ପୂର୍ବରୁ ଟୋକନ କଟକଣା ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରି ଗତ ୨ତାରିଖରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଗୋଡ଼ଭଗା ମାର୍କେଟ୍ ୟାର୍ଡ଼ ସମ୍ମୁଖ ରାଜପଥକୁ ଅବରୋଧ କରିଥିଲେ। ଅତାବିରା ପୋଲିସ ଏବଂ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ଦଣ୍ଡସେନା ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଅପରପକ୍ଷେ ପୋଲିସ ଏଏସ୍ଆଇ ସେନାପତି ଦେଇଥିବା ଏତଲାରେ ଆନ୍ଦୋଳନ ଯୋଗୁ ବହୁସଂଖ୍ୟକ ଯାନବାହନ ଦୀର୍ଘ ସମୟ ଧରି

## ଥାନା ଆଗରେ ଚାଷୀଙ୍କ ଅହୋରାତ୍ର ଧାରଣା

ଅଟକି ଜନଜୀବନ ପ୍ରଭାବିତ ହୋଇଥିବା ଏବଂ ଆନ୍ଦୋଳନରତ ଚାଷୀମାନେ ଗାଡ଼ି ଚାଳକ ଏବଂ ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଉଲ୍ଲେଖ କରିଛନ୍ତି। କିନ୍ତୁ ଚାଷୀନେତାମାନେ ଗାଡ଼ି ଚାଳକ, ଯାତ୍ରୀମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି ଏବଂ ଗିରଫ ଚାଷୀନେତାମାନଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ଅଡ଼ି ବସିଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କ ଗିରଫଦାରି ଘଟଣାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।

## ଚର୍ଚ୍ଚାରେ ପୋଲିସର ଗିରଫଦାରି

ବରଗଡ଼ ଜିଲାରେ ଚାଷୀ ଆନ୍ଦୋଳନ ବରଗଡ଼ ଜିଲାରେ ନୂଆ ନୁହେଁ। ଚାଷୀ ନିଜ ହକ୍ ପାଇଁ ବାରମ୍ବାର ରାସ୍ତା ଓ ରେଳରୋକୋ କରିଛି। କିନ୍ତୁ ଶୁକ୍ରବାର ଅତାବିରା ପୋଲିସ ୪ଜଣ ଚାଷୀନେତାଙ୍କୁ ଯେଭଳି ଢ଼ଙ୍ଗରେ ରାତିଅଧିଆ ଗିରଫ କଲା, ସେଭଳି ଗିରଫଦାରି ଆଗରୁ କେବେ ହୋଇ ନ ଥିଲା ବୋଲି ଆଲୋଚନା ହେଉଛି। ପୋଲିସର ଏଭଳି ଗିରଫଦାରି ପଛରେ ଭିନ୍ନ ଦିଗ, କାରଣ ରହିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଚାଷୀମାନେ ଟୋକନ ସମସ୍ୟାକୁ ନେଇ ଗତ ୨ତାରିଖରେ ରାସ୍ତା ଅବରୋଧ କରିଥିଲେ ଏବଂ ସେହିଦିନ ଦଳୀୟ ପ୍ରାର୍ଥିନୀଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତରେ ଆସିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ କୁଆଡ଼େ ଜଣେ ମନ୍ତ୍ରୀଙ୍କ ଝିଅ କାର୍ ଯୋଗେ ପଦ୍ମପୁର ଅଭିମୁଖେ ଯାଉଥିଲେ। ମାତ୍ର ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁ ସେ ଆଉ ଆଗକୁ ଯାଇ ପାରି ନ ଥିଲେ। କାର୍‌ରୁ ଓହ୍ଲାଇ ରାସ୍ତା ଛାଡ଼ିବା ପାଇଁ ଆନ୍ଦୋଳନରତ ଚାଷୀଙ୍କୁ ସେ କହିଥିଲେ। କିନ୍ତୁ ଆନ୍ଦୋଳନ ସମୟରେ କୌଣସି ଗାଡ଼ିକୁ ଛଡ଼ାଯାଉ ନ ଥିବା ଯୋଗୁ ଚାଷୀମାନେ ତାଙ୍କ କାର୍‌କୁ ମଧ୍ୟ ଛାଡ଼ି ନ ଥିଲେ। ଫଳରେ ସେ ପଛକୁ ଫେରି ଅନ୍ୟ ବାଟ ଦେଇ ପଦ୍ମପୁର ଯାଇଥିବା ଆଲୋଚନା ହେଉଛି। ଏହି ଘଟଣାକୁ ନେଇ ଚାପରେ ପୋଲିସ ୪ ଚାଷୀନେତାଙ୍କୁ ରାତିଅଧିଆ ଗିରଫ କରିବା ସହିତ ସେମାନଙ୍କ ବିରୋଧରେ ସଙ୍ଗୀନ ଦଫା ଲଗାଇଥିବା ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି।

## ସଂକ୍ଷେପରେ

### ମଶା ଯୋଗୁ ଅତିଷ୍ଠ ପଦ୍ମପୁର ସହରବାସୀ

**ପଦ୍ମପୁର,୧୭।୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସହରରେ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ସହରବାସୀ ଅତିଷ୍ଠ ହୋଇପଡିଲେଣି। ସହରର ବିଭିନ୍ନ ସ୍ଥାନରେ ଡ୍ରେନ ଅପରିଷ୍କାର ରହୁଛି। ସ୍ଥାନେ ସ୍ଥାନେ ପାଣି ଜମା ହୋଇ ସନ୍ତସନ୍ତିଆ ହୋଇଛି। ଏହାଯୋଗୁ ମଶାବଂଶ ବୃଦ୍ଧି ହେଉଛି। ମଶା କାମୁଡିଲା ପରେ ଶରୀରର ଉକ୍ତ ଜାଗା ଜୋର୍‌ରେ କୁଣ୍ଡେଇ ହେଉଛି। ଅତ୍ୟଧିକ କୁଣ୍ଡେଇ ହେବା ଦ୍ୱାରା କ୍ଷତ ସୃଷ୍ଟି ହେଉଛି। ଗତବର୍ଷ ମଶାକୁ ଆୟତ୍ତ କରିବା ପାଇଁ ଏନ୍ଏସି ପକ୍ଷରୁ ସହରରେ ମଶାଧୁଆଁ ଦିଆଯାଉଥିଲା। କିନ୍ତୁ ଚଳିତ ବର୍ଷ ସେଭଳି କରାଯାଉନାହିଁ। ସହରର ମୁଖ୍ୟ ରାସ୍ତା ସହ ସମସ୍ତ ଗଳିକନ୍ଦିରେ ମଶା ଯୋଗୁ ଜନସାଧାରଣ ଚିନ୍ତିତ ହୋଇପଡିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି।

### କ୍ରିକେଟ: ଥଣ୍ଡର ଏକ୍ସଆର ଚାମ୍ପିୟନ

**ପଦ୍ମପୁର,୧୭।୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଛାତ୍ର ନିବାସର ୧୩ତମ ହଷ୍ଟେଲ ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଛାତ୍ରାବାସର ଅଧୀକ୍ଷକ ପ୍ରାଧାପକ ଡ. ବିରଞ୍ଚି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଜୟୀ ଥଣ୍ଡର ଏକ୍ସଆର ଟିମ୍ ଓ ରନର୍ସ ଟେରିଫିକ ହିଟର ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅଧାପକ ସମୀର ନାଗ ଫେଆର ପ୍ଲେ ଟ୍ରଫି ବ୍ରିଜ୍ ହଣ୍ଟର ଟିମ୍‌କୁ ପ୍ରଦାନ କରିଥିଲେ। ଓମ୍ ପ୍ରକାଶ ମାଝୀ ଉଇନର ଓ ତୁଳସୀରାମ ମେହେର ରନର୍ସ ଟିମ୍‌ର ଅଧିନାୟକ ଥିଲେ। ଉତ୍ତମ ଭୋଇ, ବାଳ ଗୋପାଳ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ବାବୁଲୁ ମେହେର, ଆଶିଷ ସାହୁ, ସତ୍ୟ ପୁଟେଲ, ପ୍ରତ୍ୟୁଷ ଭୋଇ, ଅଙ୍କିତ ସାହୁ, ତୁଳସୀ ପ୍ରସାଦ ମେହେର, ତେଜସ୍ୱୀ ଚନ୍ଦ୍ରକାର ସହଯୋଗ କରିଥିଲେ।

### କ୍ରୀଡ଼ାବିତ୍‌ଙ୍କ ପରଲୋକ

**ପଦ୍ମପୁର,୧୭।୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ହନୁମାନପଡା ନିବାସୀ ଅନ୍ନଦା ପ୍ରସାଦ ବହିଦାରଙ୍କ ପରଲୋକ ହୋଇଛି। ତାଙ୍କୁ ୪୭ବର୍ଷ ବୟସ ହୋଇଥିଲା। ଶାରିରୀକ ଅସୁସ୍ଥତା ଯୋଗୁ ତାଙ୍କୁ ବୁର୍ଲା ଭିମ୍‌ସାରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଖେଳ ଶିକ୍ଷକ ସଚ୍ଚିଦାନନ୍ଦ ବହିଦାର ଓ ବିବେକାନନ୍ଦ ବହିଦାରଙ୍କ ଭାଇ ଥିଲେ। ମରଶରୀର ବାସଭବନରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, କ୍ରୀଡ଼ାପ୍ରେମୀ ତାଙ୍କର ଶେଷ ଦର୍ଶନ କରିଥିଲେ। ଅନ୍ନଦା ଫୁଟବଲ ସହ କ୍ରିକେଟ, ଭଲିବଲ ଓ ଅନ୍ୟାନ୍ୟ ଖେଳରେ ପାରଙ୍ଗମ ଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁଅ ସୁମିତ ମୁଖାଗ୍ନି ଦେଇଥିଲେ।

### ୪୨ ୟୁନିଟ୍ ରକ୍ତ ସଂଗୃହୀତ

**ବରଗଡ଼ ଅଫିସ୍,୧୭।୧୨:** ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନମେଳାର ଉଦ୍‌ଯାପନୀ ସମାରୋହରେ ରକ୍ତଦାନ ଶିବିର ହୋଇଥିଲା। ଶିବିରକୁ ଜିଲାପାଳ ମୋନିଷା ବାନାର୍ଜୀ ଉଦଘାଟନ କରିଥିଲେ। ଏଥିରେ ୪୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୀବନ ବିନ୍ଦୁର ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ହୋଇଥିବା ଶିବିରରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡଃ ମନୋଜ କୁମାର ସାହୁ, ବରପାଲି ବିଇଓ ମୁକୁନ୍ଦ ମାହାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।

## ଡାଲି ଜାତୀୟ ଫସଲ ପାଇଁ ଚାଷୀଙ୍କୁ ତାଲିମ

**ପାଇକମାଳ,୧୭।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଗ୍ରାମପଞ୍ଚାୟତ ପୁରେନା (ଖପୁରିଡିହି) କଲ୍ୟାଣ ମଣ୍ଡପଠାରେ ଚାଷୀ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ଓପିକିରା ଓ ଆଇକାର୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ପୁରେନା, ବାଦିବାହାଲ ଓ ଭୂଇଁଖାର ଗ୍ରାମରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଚାଷୀମାନେ ମୁଖ୍ୟତଃ ଡାଲି ଜାତୀୟ ଫସଲ ମୁଗ, ବିରି, ହରଡ଼, ଚଣା ଆଦି ଫସଲ କରି କିପରି ଲାଭବାନ୍ ହୋଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା କରାଯାଇଥିଲା। ଏପରିକି କମ୍ ପାଣିରେ କିପରି ଚାଷୀ ଉତ୍ପାଦନକ୍ଷମ ଚାଷ କରିପାରିବ ଏବଂ ଲାଭ ପାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଡାଲି ଜାତୀୟ ଫସଲ ଅମଳ ଉପରେ ଗୁରୁତ୍ୱ ପ୍ରଦାନ କରି ଡାଲି ଜାତୀୟ ମଞ୍ଜି ପ୍ରଦାନ କରାଯାଉଥିବାରୁ ଏହାକୁ ଠିକ୍ ଭାବେ ଚାଷ କରିବାକୁ ଚାଷୀମାନଙ୍କୁ ପଦାଧିକାରୀମାନେ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ଗ୍ରାମ୍ୟ କୃଷି ଅଧିକାରୀ ଗୁଗନ୍ତ ଛତ୍ରିଆ, ଆଇକାର୍ଡ ତଥା ଓପିକିରାର ସିଓ ପ୍ରିତମ କୁମାର ସାହୁ, ପିଜିଏଫ ସୁଜାତା ଧରୁଆ, ଅଙ୍କିତା ନମଦେଓ, ଧର୍ମ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃଷକ ସାଥୀ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ସମୀକ୍ଷା ପାଇଁ ପ୍ରଶିକ୍ଷଣ ଶିବିର

**ବରପାଲି,୧୭।୧୨(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସାମାଜିକ ସମୀକ୍ଷା ନିମନ୍ତେ ଗ୍ରାମ୍ୟ ସମ୍ବଳ କର୍ମୀମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ବରପାଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଆନନ୍ଦ ପଧାନ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ସାମାଜିକ ସମୀକ୍ଷାରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ଆର୍ଥିକ ବର୍ଷ ୨୦୧୬-୧୭ ଠାରୁ ୨୦୨୦-୨୦୨୧ ପର୍ଯ୍ୟନ୍ତ ସମୀକ୍ଷା ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ବରପାଲି ଏବଂ ଭେଡେନ ବ୍ଲକର ସମୁଦାୟ ୪୪ ଜଣ ଗ୍ରାମ୍ୟ ସମ୍ବଳ କର୍ମୀ ଯୋଗ ଦେଇଥିଲେ। ପ୍ରଗତି ସହାୟକ ସନ୍ତୋଷ ପଧାନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କିରଣ ବୁଢ଼ା, ଗୋଷ୍ଠୀ ସାମାଜିକ ସମୀକ୍ଷକ ସୁନୀଲ କୁମାର ଦାଶ ଏବଂ ଅନିତ କୁମାର ଦୀପ ସହଯୋଗ କରିଥିଲେ।

# ରାଜ୍ୟସ୍ତରକୁ ୩୨ପ୍ରକଳ୍ପ ମନୋନିତ

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ଜିଲା ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ରାଜ୍ୟସ୍ତରକୁ ମୋଟ୍ ୩୨ପ୍ରକଳ୍ପ ମନୋନିତ ହୋଇଛି। ସେଥିରେ ଡିଏଲ୍ଇପିସିରୁ ୨୭ପ୍ରକଳ୍ପ ଏବଂ


ବରଗଡ଼ ଜିଲାପାଳ ବିଜ୍ଞାନମେଳାର ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ଡିଏଲ୍ଏସ୍ଏମ୍ଇରୁ ୫ ପ୍ରକଳ୍ପ ରହିଛି। ଉକ୍ତ ପ୍ରକଳ୍ପ ଗୁଡ଼ିକର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବିଜ୍ଞାନ ସଂଯୋଜକ ଡଃ ମନୋଜ କୁମାର ସାହୁ, ପ୍ରଧାନଶିକ୍ଷକ ଭାର୍ଗବ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରେନ ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଅତାବିରା/ସରଣ୍ଡା,୧୭।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଲାଦରପାଲି ଛକରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ମୃତକ ହେଲେ ଅତାବିରା ଥାନା ଟୋପ ଟାଙ୍ଗରପଡ଼ାର ମୂଳବାସିନ୍ଦା ତଥା ବର୍ତ୍ତମାନ ଲଚିଦା ଫାର୍ମରେ ରହୁଥିବା ତରଣୀ ଗଡ଼ତିଆ(୨୬)। ସେ ଏକ ବାଇକ୍ (ନଂ.ଓଡ଼ି୦୩ଡବ୍ଲୁ/୨୪୭୯) ଯୋଗେ ବାବେବିରା ଗ୍ରାମ ନିଜ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। ଏହି ସମୟରେ ଲାଦେରପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଲୁହା ପାଇପ୍ ବୋଝେଇ ଟ୍ରକ୍ (ନଂ.ସିଜି୦୪ଏନଏକ୍ସ/୧୨୭୭) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ।

# ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଅତାବିରା,୧୭।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ମନ୍ଦିରର ବାନିପାଲି ଖେଳ ପଡ଼ିଆରେ ଶନିବାର ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ଶିଶୁବର୍ଗରେ ଅର୍ପିତ ଝାଙ୍କର, ବାଳବର୍ଗରେ ଚିନ୍ମୟ ମହାକୁର, ବାଳବର୍ଗ ଭଉଣୀ ବିଭାଗରେ ତନୁପମା ଭୋଇ ଚାମ୍ପିୟନ ହୋଇଛନ୍ତି। ମାନଭଞ୍ଜନ ପୁରୋହିତ, ଡାଲବ ସରପଞ୍ଚ ରାଧେଶ୍ୟାମ ପୋଡ଼ ଅତିଥି ଭାବେ ଯୋଗଦାନ କରିଥିଲେ । ସଂକୁଳ କ୍ରୀଡ଼ା ପ୍ରମୁଖ ସୁବ୍ରତ କୁମାର ଶତପଥିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୫୯ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର, ବିଭାଗ ଖେଳ ପ୍ରମୁଖ ଶିବାନନ୍ଦ ଦାଶ, ସୁଜିତ ଆଚାର୍ଯ୍ୟ, ସାନ୍ତ୍ୱନା ପୁରୋହିତ, ସେବତୀ ଭୋଇ, କ୍ରୀଷ୍ଣା ସେଟ୍, ମଧୁସ୍ମିତା ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।


ସରସ୍ୱତୀ ଶିଶୁ ମନ୍ଦିରର ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ।

# ଖେଳାଳି ଚୟନ ପ୍ରତିଯୋଗିତା ଉଦ୍‌ଯାପିତ

**ଅତାବିରା,୧୭।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବାଳକ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଖେଳାଳି ଚୟନ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ୧୭ବର୍ଷ ବାଳିକା, ବାଳକ ଏବଂ ୧୪ବର୍ଷ ବାଳିକା, ବାଳକ ଏଭଳି ୪ ବିଭାଗରେ ଖେଳାଳି ଚୟନ ପ୍ରତିଯୋଗିତା ହୋଇଥିଲା। ବ୍ଲକର ୩୪ ସ୍କୁଲରୁ ୨୨୪ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଦୌଡ଼, ଲମ୍ବଡ଼ିଆଁ, ଉଚ୍ଚଡ଼ିଆଁ, ଡିସ୍‌କସ୍ ଥ୍ରୋ, ସଟ୍‌ପୁଟ୍ ଖେଳରେ ୧୭ବର୍ଷ ବାଳକ ବିଭାଗରେ ୧୨ଜଣ, ୧୪ବର୍ଷ ବାଳିକା ବିଭାଗରେ ୧୨ଜଣ ଜିଲାସ୍ତରକୁ ମନୋନିତ ହୋଇଛନ୍ତି । ବ୍ଲକ କ୍ରୀଡ଼ା ସମ୍ପାଦକ ଲବ ସାହୁ ବିବରଣୀ ପ୍ରଦାନ କରିଥିଲେ। ଶୁଭ୍ରାଂଶୁ ସାହୁ, ରମେଶ ସେଟ, ଗୋଲାପ ଭୋଇ, ମକରଧ୍ୱଜ ପ୍ରଧାନ ସହଯୋଗ କରିଥିଲେ। ବ୍ଲକର ୨୬ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ସହ ସମ୍ପାଦକ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁର ବିଧାୟିକାଙ୍କ ମେଲଚ୍ଛାମୁଣ୍ଡା ପଞ୍ଚାୟତ ଗସ୍ତ

**ପଦ୍ମପୁର,୧୭।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁରର ନବ ନିର୍ବାଚିତା ବିଧାୟିକା ବର୍ଷା ସିଂ ବରିହା ଶନିବାର ମେଲଚ୍ଛାମୁଣ୍ଡା ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମକୁ ଗସ୍ତ କରି ଜନସାଧାରଣଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟିକାଙ୍କ ସହ ଭଟଲି ବିଧାୟକ ସୁଶାନ୍ତ ସିଂ, ମେଲଚ୍ଛାମୁଣ୍ଡା ସମିତି ସଭ୍ୟ ଠାକୁର ପଣ୍ଡା, ମନୋଜ ଭୋଇ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ନବୋଦୟ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ପାଇକମାଳ,୧୭।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ ମୁଖ୍ୟ ଅତିଥି, କ୍ରୀଡାବିତ୍ ସନ୍ତୋଷ ପ୍ରଧାନ, ଖେଳ ଶିକ୍ଷକ ଶ୍ରୀନିବାସ ପ୍ରଧାନ, ଯୁବନେତା ଗୌତମ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସୁରଥ ସାହୁ, ବଡ ଶତପଥୀ, ଗୌରାଙ୍ଗ ଦାସ, ଧୀରେନ ମହାନ୍ତି, ମାନସ ନାୟକ, ଦୁର୍ଯ୍ୟୋଧନ ପୁଟ୍ଟାଙ୍କୁ ସମ୍ମାନିତ କରାଯାଇଥିଲା। ଗୀତାଞ୍ଜଳି ପଟେଲ, ମଳୟ ବିଶ୍ୱାଳ, ଉମେଶ ଝାଙ୍କର, ମନୋରଞ୍ଜନ ପାଢୀ, ସୁଷମାକାନ୍ତ ଲାକ୍ରା, ଇତିସ୍ମିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଉପାଧକ୍ଷ ଜଗଦୀଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରବୃନ୍ଦ।

# ନେତୃତ୍ୱରୁ ଆରମ୍ଭ ହୁଏ ବ୍ୟକ୍ତିତ୍ୱର ବିକାଶ

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼ର ବିକାଶ ଡିଗ୍ରୀ କଲେଜ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏ ବ୍ୟୁରୋର ମିଳିତ ଆନୁକୂଲ୍ୟରେ ଏନ୍ଏସ୍ଏସ୍ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ତଥା ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ କୋଅର୍ଡିନେଟର ପ୍ରଫେସର ସୁମନ କେରକେଟା ତାଲିମ ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବ୍ୟକ୍ତିତ୍ୱର ବିକାଶ ନେତୃତ୍ୱରୁ ଆରମ୍ଭ ହୋଇଥାଏ ବୋଲି କହିଥିଲେ। ବରଗଡ଼ ଜିଲା ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଡଃ ବବିତା ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍ଏସ୍‌ଭି କ୍ରୀଷ୍ଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶର ପୂର୍ବତନ ଛାତ୍ରୀ ତଥା ଓଡ଼ିଶା ସିଭିଲ ସର୍ଭିସ୍‌ରେ କୃତିତ୍ୱ ଅର୍ଜନ କରିଥିବା ଅନନ୍ୟା ସୃଷ୍ଟି ଶତପଥି ଯୁବ ସମାଜର ଭୂମିକା ଏବଂ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଡାଲମିଆ କଲେଜର ଅଧ୍ୟାପିକା ତବାସ୍ସିନ ବାନୋ, ସ୍ୱେଚ୍ଛାସେବୀ ମଧୁସୂଦନ ଦାଶ, ଡା. ସୁଶାନ୍ତ ମେହେର, ଡା. ଗଣେଶ ଯାଦବ ପ୍ରମୁଖ ଯୁବସମାଜର ନେତୃତ୍ୱ ଉପରେ ଆଲୋକପାତ କରିଥିଲେ। ତାଲିମ ଶିବିରରେ ବିଭିନ୍ନ ଜିଲାର ୨୩ କଲେଜର ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି।



ବିକାଶରେ ଚାଲିଥିବା ଏନ୍ଏସଏସ୍ ତାଲିମ ଶିବିର ।

## ବିକାଶରେ ଏନ୍ଏସ୍ଏସ୍ ତାଲିମ ଶିବିର

## ଆଜି କଣ କେଉଁଠି

**ସମ୍ବଲପୁର**

- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତି ଆୟୋଜିତ ବିବିଧ ପ୍ରତିଯୋଗିତା, ଶ୍ରୀଅରବିନ୍ଦ ସ୍କୁଲ ପରିସର, ପୂର୍ବାହ୍ନ ୯ଟା।
- ହକି ଟୁର୍ନାମେଣ୍ଟ, ସେଣ୍ଟ ଜୋନ୍ସ ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ତୃତୀୟ ରଜନୀ, ଝାଡୁଆପଡା, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଭୀମଭୋଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରେଢ଼ାଖୋଲ,୧୭।୧୨(ଡି.ଏନ.ଏ.)

ରେଢ଼ାଖୋଲ ଭୀମଭୋଇ କଲେଜର ୨ ଦିନଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ ଏସବିଆଇ ଶାଖା ପ୍ରବନ୍ଧକ ଅମିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶରେ କ୍ରୀଡ଼ାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କଲେଜ ଅଧକ୍ଷ ଦିଲୀପ କୁମାର ଦାଶ ଅଧକ୍ଷତା କରିଥିବା ବେଳେ କ୍ରୀଡା ସଂସଦର ଉପଦେଷ୍ଟା ପ୍ରାଧାପକ ଅରୁଣ କୁମାର ଶାସନୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। କ୍ରୀଡା ପ୍ରଶିକ୍ଷକ ନମ୍ରତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ ନାକ୍ଟିଦେଉଳ ଉଚ୍ଚମାଧମିକ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ ଓ ପାର୍ବତିଗିରି କଲେଜର କ୍ରୀଡା ପ୍ରଶିକ୍ଷକ ଚନ୍ଦ୍ରଶେଖର ପୁରୋହିତ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଦିବ୍ୟରଞ୍ଜନ ସାହୁ, ମନିତ ଲୁଗୁନ, ଆକାଶ ରାଉଳ ଓ ଶାଶ୍ୱତି ସାମାଦ ଯଥାକ୍ରମେ ଯୁକ୍ତ ୩ ପୁରୁଷ ଓ ମହିଳା ଏବଂ ଯୁକ୍ତ ୨ ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନ ହୋଇଥିଲେ। ଅଧାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ରେଢ଼ାଖୋଲ,୧୭।୧୨(ଡି.ଏନ.ଏ.): ରେଢ଼ାଖୋଲ ବ୍ଲକ ଲୁହାପଙ୍କସ୍ଥିତ ସ୍ୱାମୀ ହରିହରାନନ୍ଦ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଲୁହାପଙ୍କ ସରପଞ୍ଚ ଚିନ୍ମୟୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ୨୦ଟି ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ପଦ୍ମନାଭ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦଶମ ଶ୍ରେଣୀ ଛାତ୍ର ଆଶିଷ ସେଠୀ ବାଳକ ବିଭାଗରେ ଓ ନବମଶ୍ରେଣୀ ଛାତ୍ରୀ ଶୃତି ପ୍ରଧାନ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିଲେ। ୬୦ ଜଣ କୃତୀ ପ୍ରତିଯୋଗୀଙ୍କୁ ସରପଞ୍ଚ ପ୍ରଧାନ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କମିଟି ସଭାପତି କୈବର୍ତ୍ତ ସାହୁ, ଲୁହାପଙ୍କ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।ଶିକ୍ଷକ ରମଣିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଓକିଲଙ୍କ ଉପରୁ ହଟିଲା ନିଲମ୍ବନ

ସମ୍ବଲପୁର,୧୭।୧୨(ବ୍ୟୁରୋ)

**କୋର୍ଟରେ ଭଙ୍ଗାରୁଜା ଘଟଣା ଦୁର୍ଭାଗ୍ୟଜନକ:ନାଗରିକ କମିଟି**

**ଏମ୍‌ପି ସୁରେଶ ପୂଜାରୀଙ୍କୁ ଓକିଲ ସଂଘର ସାଧୁବାଦ**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଆନ୍ଦୋଳନ କରିବା ଓ କୋର୍ଟ ପରିସରରେ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ନ ଥିବା ଓକିଲମାନଙ୍କ ଲାଇସେନ୍ସ ଉପରେ ଲଗାଯାଇଥିବା ନିଲମ୍ବନକୁ ହଟାଇ ଦିଆଯାଇଛି। ଏ ନେଇ ବିସିଆଇ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭିଡିଓ ଫୁଟେଜ ଓ ଫଟୋର ୫୪ ଜଣଙ୍କ ସିଧାସଳଖ ସମ୍ପୃକ୍ତି ଥିବା ଜଣାପଡିଥିଲା। ତେଣୁ ଅନ୍ୟ ଓକିଲମାନଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶକୁ ହଟାଇ ଦିଆଯାଇଛି। ତଦନ୍ତରେ ଯଦି କାହାର ସମ୍ପୃକ୍ତି ଜଣାଯାଏ ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ତ୍ତ ରହିଛି। ଏଥିସହ ତଥ୍ୟ ସନ୍ଧାନ କରିବା ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ବାର୍ କାଉନ୍‌ସିଲ ସହଅଧକ୍ଷ ଆଇନଜୀବୀ ଡି.ପି. ଧଳ, ଓଡ଼ିଶା ବାର୍ କାଉନ୍‌ସିଲ ସ୍ୱତନ୍ତ୍ର କମିଟି ସଦସ୍ୟ ଆଇନଜୀବୀ ମାନସ ମହପାତ୍ର, ବରିଷ୍ଠ ଆଇନଜୀବୀ ଯଶୋବନ୍ତ ଦାସ ରହିଛନ୍ତି।

ଅନ୍ୟପଟେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ଡିସେମ୍ବର ୧୨ରେ କୋର୍ଟରେ ଘଟିଥିବା ଘଟଣାକୁ ନେଇ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ନାଗରିକ କ୍ରିୟା ଅନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନ ସମୟରେ କୋର୍ଟ ରୁମରେ ଯେଉଁ ଭଙ୍ଗାରୁଜା ହେଲା ତାହା ଦୁର୍ଭାଗ୍ୟଜନକ, ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ କମିଟି କେବେ ହିଂସାରେ ବିଶ୍ୱାସ କରେନାହିଁ କିମ୍ବା ପ୍ରଶ୍ରୟ ଦିଏନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଭଙ୍ଗାରୁଜା ଘଟଣାରେ କମିଟିର କୌଣସି ସଦସ୍ୟ ସାମିଲ ନ ଥିବାରୁ ଆଶ୍ୱସ୍ତି ପ୍ରକଟ କରାଯାଇଥିଲା। ଆନ୍ଦୋଳନ କରିବା ଜନସାଧାରଣଙ୍କ ଅଧିକାର। ତେଣୁ ଆନ୍ଦୋଳନ ବନ୍ଦ ହେବ ନାହିଁ, ଆଗକୁ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଆବଶ୍ୟକ ହେଲେ ହାଇକୋର୍ଟ ବେଞ୍ଚ ନୁହେଁ, ସ୍ୱତନ୍ତ୍ର ରାଜ୍ୟ ଦାବିରେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ କୋର୍ଟରେ ଭଙ୍ଗାରୁଜା ହୋଇଥିଲା। ଘଟଣାରେ ଏପର୍ଯ୍ୟନ୍ତ ୨୩ ଜଣ ଓକିଲ, ୮ ଜଣ କିନ୍ନର ଓ ଜଣେ ସାଧାରଣ ଲୋକଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏହାକୁ ନେଇ ଏବେ ରାଜ୍ୟରେ ରାଜନୀତି ଜୋର ଧରିଛି। ବିଜେଡି, ଭାଜପା ଓ କଂଗ୍ରେସ ଦୋଷ ଲାଦାଲଦି କରି ବାହାଦୁରି ନେବାକୁ ଉଦ୍ୟମ କରୁଛନ୍ତି। ହେଲେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଖବରଦାତା ସମ୍ମିଳନୀ କରିବା ଓ ସଂସଦରେ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନ କରିବା ନେଇ ଜିଲା ଓକିଲ ସଂଘ ତାଙ୍କୁ ସାଧୁବାଦ ଜଣାଇଛି।

## କୋଲାବିରା ବ୍ଲକରେ ଧାନକିଣା ଆରମ୍ଭ



ବୈଠକରେ ଯୋଗାଣ ବିଭାଗ ଅଧିକାରୀ ଓ କର୍ମକର୍ତ୍ତା।

କୋଲାବିରା,୧୭।୧୨(ଡି.ଏନ.ଏ.)

ଚଳିତ ଖରିଫ ବର୍ଷ ପାଇଁ କୋଲାବିରା ବ୍ଲକରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାନକ୍ରୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଝିଲାପାଲି ସମବାୟ ସମିତି ମାର୍ଫତରେ ୩ଜଣ ଚାଷୀଙ୍କ ନିକଟରୁ ୧୩୨ କୁଇଣ୍ଟାଲ ୯୪ କେଜି ଧାନ କ୍ରୟ କରାଯାଇଥିଲା। ମିଲ ମାଲିକ ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ପରେ କୁଇଣ୍ଟାଲ ପ୍ରତି ୩ କେଜିରୁ ଅଧିକ ଧାନ ନ କାଟିବା ପାଇଁ ସ୍ଥିର କୋଇଥିଲା। କୋଲାବିରା, ପରମାଣପୁର, ଝିଲ୍ଲାପାଲି, ସମାସିଂହା ସେବା ସମବାୟ ସମିତ ଏବଂ ପୋଖରାସାହ୍ଲେ ପଞ୍ଚାୟତର ୩ଟି ଓ କୁଲିହାମାଲ ପଞ୍ଚାୟତର ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନକ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଝିଲ୍ଲାପାଲିଠାରେ ଅନୁଷ୍ଠିତ ବୈଠକରେ ମିଲର୍ସ, ଚାଷୀ, ଚାଷୀ ସଙ୍ଗଠନ, ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଲାବିରା ସମ୍ପାଦକ ଦେବରାଜ କୁମୁରା, ପରମାଣପୁର ସମ୍ପାଦକ ବିଭିଷଣ କିଷାନ, ଝିଲ୍ଲାପାଲି ସମ୍ପାଦକ ହରେଶ ପଟେଲ, ସମାସିଂହା ସହସମ୍ପାଦକ ଦୀପନ କୁମାର ନାଏକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ପୌର ପରିଷଦର ଜୁନିୟର ହକି ଦଳ ଚୟନ

ଝାରସୁଗୁଡ଼ା ଅଫିସ,୧୭।୧୨



ମନୋନୀତ ହୋଇଥିବା ଝାରସୁଗୁଡ଼ା ପୌର ପରିଷଦର ହକି ଦଳ।

ସ୍ଥାନୀୟ ୨ୟ ଓଏସ୍‌ଏପି ପଡିଆରେ ଝାରସୁଗୁଡ଼ା ପୌର ପରିଷଦ ଅଧୀନରେ ଥିବା ସ୍କୁଲଗୁଡିକୁ ନେଇ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ୧୩ରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବ ସାରା ରାଜ୍ୟରେ ପାଳନ କରିବାକୁ ରାଜ୍ୟ ସରକାର ଯୋଜନା କରିବା ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲାରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜିତ ହେବ। ଜାନୁୟାରୀ ୨ୟ ସପ୍ତାହରୁ ଜିଲା ସଦର ମହକୁମାରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଝାରସୁଗୁଡା ପୌରପରିଷଦର ହକି ଦଳ ପାଇଁ ବାଳକ, ବାଳିକା ମନୋନୀତ ହୋଇଛନ୍ତି। ହକି ମହିଳା କୋଚ ମଞ୍ଜୁ ଲାକ୍ରା, ବ୍ଲୁବେଲ ସ୍କୁଲର ରୀନା ତିର୍କୀ ଓ ଜୟପ୍ରକାଶ କୁଜୁର ଖେଳ ପରିଚାଳନା କରି ଦଳ ଚୟନ କରିଛନ୍ତି। ଝାରସୁଗୁଡ଼ା ପୌର ପରିଷଦର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୱାର୍ଡ଼ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନାକଟିଦେଉଳ,୧୭।୧୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ୱାର୍ଡ଼ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ ପଞ୍ଚାୟତର ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ୩ୟ ପର୍ଯ୍ୟାୟର ଶନିବାର ଶେଷ ଦିବସରେ ଗିରିଶ୍ଚନ୍ଦ୍ରପୁର, ଘୋଷରାମାଳ, ଗୋଗୁଆ ଓ ଶିମିଳିପାଳ ପଞ୍ଚାୟତର ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୫-ଟି ଓ ମୋ ସରକାର ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା, ଗ୍ରାମ ପଞ୍ଚାୟତର କ୍ଷମତା ଓ କାର୍ଯ୍ୟ, ଟିକସ ଓ ଅଣଟିକସ ଜରିଆରେ ସମ୍ବଳ ବୃଦ୍ଧି, ପାନୀୟ ଜଳ ଓ ପରିମଳକାର୍ଯ୍ୟକ୍ରମରେ ପଞ୍ଚାୟତର ଭୂମିକା ଆଦି ସମ୍ପର୍କରେ ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଇଥିଲା। ପଞ୍ଚାୟତର ବିକାଶ ଦିଗରେ ସେମାନଙ୍କର ଭୂମିକା ନେଇ ଆଲୋଚନା ହୋଇଥିଲା। ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ବିଡ଼ିଓ ବିବେକାନନ୍ଦ ସାହୁ ଉଦ୍‌ଘାଟନ କରିଥିବା ବେଳେ ମାସ ଅନୁଷ୍ଠାନର ରିସୋର୍ସ ପର୍ସନ ରୁଦ୍ର ପ୍ରସାଦ ଦେହୁରି ଓ ଜ୍ୟୋତି ଶତପଥୀ ତାଲିମ ପ୍ରଦାନ କରିଥିଲେ।

## ଆଉଟସୋର୍ସିଂ କର୍ମଚାରୀଙ୍କ ଅନଶନ ଜାରି

ରେଢ଼ାଖୋଲ,୧୭।୧୨(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟର ସହାୟତା କେନ୍ଦ୍ରରେ ଅସ୍ଥାୟୀ ଭାବେ ୬ବର୍ଷ ଧରି ଘରୋଇ ସଂସ୍ଥା ହେରାଲଡ଼ ମେନ ପାୱାର ଆଣ୍ଡ ପ୍ଲେସମେଣ୍ଟ ସର୍ଭିସ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ପୁନଃନିଯୁକ୍ତି ଦାବି ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୁଥିବା ଅନଶନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। କର୍ମଚାରୀମାନେ ନିଜ ପରିବାର ସହ ଅନଶନରେ ବସିରହିଛନ୍ତି। ଗତ ଗୁରୁବାରଠାରୁ ଅନଶନ ଆରମ୍ଭ ହୋଇଥିବାବେଳେ ଉପଜିଲାପାଳ ପବିତ୍ର ବେହେରା ଆସି ଆଲୋଚନା କରି ସେମାନଙ୍କ ଦାବିନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ହେଲେ ପୁନଃ ନିଯୁକ୍ତି ନ ହେବା ଯାଏ ଅନଶନରେ ବସିରହିବେ ବୋଲି ଜିଲା ସଭାପତି ପ୍ରେମାନନ୍ଦ ରେଙ୍ଗୀ କହିଛନ୍ତି। ଅକ୍ଷୟ ମହାପାତ୍ର, କିରଣ କୁମାର ପ୍ରଧାନ, କୈଳାସ ସାହୁ, ଅଞ୍ଜଳି ମେହେର, ମିନାକ୍ଷୀ କର୍ଣ୍ଣ, ସୁଜାତା ମହାକୁଡ, ବିକାଶ ପ୍ରଧାନ ପ୍ରମୁଖ କର୍ମଚାରୀମାନେ ଅନଶନରେ ବସିଛନ୍ତି।

## ଶିଶୁଯତ୍ନ ଅନୁଷ୍ଠାନରେ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନର ବାଳିକାବାଳକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶାରୀରିକ ନିରୀକ୍ଷକ ଜଗବନ୍ଧୁ ବେହେରା,ରମଣୀ ରଞ୍ଜନ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା କଲ୍ୟାଣ ସମିତି ଅଧକ୍ଷ ପ୍ରଶାନ୍ତ ପାଢ଼ୀ, ସଭ୍ୟ ଶିବ ଶଙ୍କର ନନ୍ଦ, ଯଦୁମଣି କୁମ୍ଭାର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## 'ନିର୍ଭିକ ସାମ୍ବାଦିକତାର ଆବଶ୍ୟକତା ରହିଛି'

ସମ୍ବଲପୁର,୧୭।୧୨(ବ୍ୟୁରୋ)

**ସେବାବ୍ରତୀ ଭାଗବତ ନନ୍ଦଙ୍କ ଜୟନ୍ତୀ**

ସାମାଜିକ କର୍ମୀ ସ୍ୱର୍ଗତ ଭାଗବତ ନନ୍ଦଙ୍କ ୮୬ ତମ ଜୟନ୍ତୀ ଓଡ଼ିଶା ସାଂସ୍କୃତିକ ସମାଜର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳତି ହୋଇଯାଇଛି। ଭାଗବତ ନନ୍ଦ ସ୍ମୃତି କମିଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱର୍ଗତ ନନ୍ଦ ମାଟିର ମଣିଷ ଭାବେ ଅଭିହିତ। ଆଜିର ସମାଜରେ ନିର୍ଭିକ ସାମ୍ବାଦିକତାର ଆବଶ୍ୟକତା ରହିଛି। ସ୍ୱର୍ଗୀୟ ନନ୍ଦଙ୍କଠାରେ ଏଭଳି ଗୁଣ ଥିବାରୁ ତାଙ୍କ ନାମରେ ନିର୍ଭିକ ସାମ୍ବାଦିକତା ସକାଶେ ସମ୍ମାନ ପ୍ରଦାନ କରାଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ସୁଜିତ ପୃଷେଠ୍ ତାଙ୍କ ବକ୍ତବ୍ୟରେ ଭାଗବତ ନନ୍ଦ ସେବା ମନୋବୃତ୍ତିର ଅଧିକାରୀ ଥିଲେ ବୋଲି କହିଥିଲେ। ଡ. ଗୌରିଦାସ ପ୍ରଧାନ ସଭା ସଂଯୋଜନା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭାରେ ଯୁବ ସ୍ୱେଚ୍ଛାସେବୀ ରାମଦାସ ପଣ୍ଡାଙ୍କୁ ଭାଗବତ ନନ୍ଦ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସ୍ମୃତି କମିଟି ତରଫରୁ ସରୋଜ ଦାଶ ଧନ୍ୟବାଦ ଦେଇଥିଲେ। ଜୟନ୍ତୀ ଉତ୍ସବରେ ସ୍ୱର୍ଗୀୟ ନନ୍ଦଙ୍କ ସ୍ତ୍ରୀ ସୌଦାମିନୀ ନନ୍ଦ, ପୁତ୍ର ଶିବ ଶଙ୍କର ନନ୍ଦଙ୍କ ସମେତ ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀ, ଡା. ନାରାୟଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ସମ୍ବଲପୁର ପୋଲିସର ଥାର୍ଡ ଡିଗ୍ରୀ: ବିରୋଧୀଦଳ ନେତା

ସମ୍ବଲପୁର,୧୭।୧୨(ବ୍ୟୁରୋ)



ଜୟନାରାୟଣ ମିଶ୍ର

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଆନ୍ଦୋଳନ କରିବା ଓ କୋର୍ଟ ପରିସରରେ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୨୩ ଓକିଲ, ୮ କିନ୍ନର ଓ ଜଣେ ସାଧାରଣ ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଓ ତାଙ୍କ ପୋଲିସ ଟିମ୍ ଗିରଫ ଅଭିଯୁକ୍ତମାନଙ୍କୁ ଥାର୍ଡ ଡିଗ୍ରୀ ଦେଉଛନ୍ତି ବୋଲି ବିରୋଧୀଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଯଦି ମାମଲାରେ ଗିରଫ କରାଗଲା ତା'ହେଲେ କୋର୍ଟ ଚାଲାଣ କରିବା କଥା। ପୋଲିସ କାହିଁକି ଆଇନ ହାତକୁ ନେଉଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ଉଚ୍ଚସ୍ତରୀୟ ଓ ବିଚାର ବିଭାଗୀୟ ତଦନ୍ତ ହେବା ଆବଶ୍ୟକ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା। ଏହି ସମୟରେ ପୋଲିସର ପରିଚାଳନାଗତ ତ୍ରୁଟି ଯୋଗୁ ଅଭାବନୀୟ ଘଟଣା ଘଟିଥିଲା, ଯାହା ସମସ୍ତଙ୍କୁ ଦୁଃଖିତ କରିଛି। ହେଲେ ଘଟଣାରେ ସମ୍ପୃକ୍ତ ନ ଥିବା ଲୋକଙ୍କୁ ମଧ ପୋଲିସ ଗିରଫ କରିନେଉଛି। ନିଜ ମୁଣ୍ଡରୁ ଦୋଷ ହଟାଇବା ଓ କୋର୍ଟ ଆଗରେ ନିଜର ଛବି ସୁଧାରିବାକୁ ପୋଲିସ ଏଭଳି ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ଚାହିଁଥିଲେ ଏହି ଅଭାବନୀୟ ଘଟଣାକୁ ରୋକାଯାଇ ପାରିଥାନ୍ତା। ଜନ ଆନ୍ଦୋଳନ ଚାଲିଥିବା ସମୟରେ ମଧ ସମାଧାନ ପାଇଁ ରାଜ୍ୟ ସରକାର ଚେଷ୍ଟା କଲେ ନାହିଁ। ଏତେ ବଡ ଘଟଣା ଘଟିବାରେ ରାଜ୍ୟ ସରକାର ଦାୟୀ ବୋଲି ସେ କହିଥିଲେ।

# ବହୁଜନ ସମାଜ ପାର୍ଟିର ଧାରଣା

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦଳର ସମ୍ବଲପୁର ଜିଲା ସଭାପତି ଦିଲିପ ସିଂଙ୍କ ନେତୃତ୍ୱରେ ୯ ଗୋଟି ବ୍ଲକର ସଭ୍ୟ ଓ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ଟଙ୍କଧର ବାଗ ମୁଖ୍ୟଅତିଥି, ରାଜ୍ୟ ପ୍ରଭାରୀ ଚମ୍ପକଲାଲ ଡୁଙ୍ଗରିଆ, ରାଜ୍ୟ ସଂଯୋଜକ ସୁବ୍ରତ ସାମଲ, ସମ୍ବଲପୁର ଜୋନ ପ୍ରଭାରୀ ନାରାୟଣ ଭେଶରା, ରାଜୁ ନନ୍ଦ, ଗାନ୍ଧୀ ମହାନନ୍ଦ, ସିତାରାମ ରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଚାଷୀ, ମୂଲିଆ, ଭୂମିହୀନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବା ସହ ଜନସାଧାରଣଙ୍କୁ ପାଣି, ବିଜୁଳି ସମ୍ପୂର୍ଣ୍ଣ ମାଗଣା ଦେବା ଏବଂ ସମ୍ବଲପୁରରେ ଶ୍ରମିକମାନଙ୍କୁ ଶ୍ରମିକ କାର୍ଡ ଦେବା ଆଦି ଦାବି କରିଥିଲେ। ପରେ ଏହି ମର୍ମରେ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ପ୍ରଦାନ କରିଥିଲେ।





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଏସ୍‌ପିର ଧାରଣା।

### ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଲାଗି ଦସ୍ତଖତ ଅଭିଯାନ

ସମ୍ବଲପୁର,୧୭।୧୨(ବ୍ୟୁରୋ)- ବର୍ଦ୍ଧିତ ଜନସଂଖ୍ୟାରେ ସନ୍ତୁଳନ ରକ୍ଷା ଲାଗି ସମ୍ବଲପୁର ମହାନଗର ନିଗମ ବିଭିନ୍ନ ଅଞ୍ଚଳରେ ଶନିବାର ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଜିଲା ଶାଖା ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ ସଭାପତି ମିଳନ ମହାରଣାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତକବା ଗ୍ରାମରୁ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଫାଉଣ୍ଡେଶନ ସଭ୍ୟାସଭ୍ୟ ଗ୍ରାମର ମହିଳାମାନଙ୍କୁ ଜନ୍ମ ନିୟନ୍ତ୍ରଣ ଆଇନ ବିଷୟରେ ବୁଝାଇଥିଲେ। ପଚାଶ ଲକ୍ଷ ସ୍ୱାକ୍ଷର ବିଶିଷ୍ଟ ଦାବିପତ୍ରକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବା ଲକ୍ଷ୍ୟ ରହିଥିବା ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି।

# ୧୪ କାଉନ୍‌ସିଲରଙ୍କ ବୈଠକ ବର୍ଜନ

- **ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ବିରୋଧ**
- **ଭାଜପା କାଉନସିଲରଙ୍କ ଧାରଣା**

ଝାରସୁଗୁଡ଼ା ଅଫିସ,୧୭।୧୨

ବ୍ରଜରାଜନଗର ପୌର ପରିଷଦର ୪ର୍ଥ କାଉନ୍‌ସିଲ୍ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ଅଧିକାଂଶ କାଉନସିଲର ବୈଠକ ବର୍ଜନ କରି ଧାରଣାରେ ବସିଥିଲେ। ଫଳରେ ୨୩ କାଉନ୍‌ସିଲରଙ୍କ ମଧ୍ୟରୁ ୮ଜଣ ବୈଠକରେ ଯୋଗଦେଇଥିଲେ।

ବୈଠକ ଆରମ୍ଭରେ ୨ଜଣ କାଉନସିଲର ଭାଜପା ସମର୍ଥିତ ଉଷାରାଣି ଚାନ୍ଦ ଓ ଶୁଭଲକ୍ଷ୍ମୀ ନାଥ ଶର୍ମା କାଉନସିଲ୍ ମିଟିଂହଲ୍‌ରେ ପ୍ରବେଶକରି ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପକୁ ବିରୋଧ କରିଥିଲେ। ପରେ ହଲରୁ ବାହାରି ଧାରଣାରେ ବସିଥିଲେ। ଏମାନଙ୍କୁ ସମର୍ଥନ ଜଣାଇ ଏମ୍‌ପି ପ୍ରତିନିଧି ରମାନନ୍ଦ ଯାଦବ ଧାରଣାରେ ବସିଥିଲେ। ପ୍ରାରମ୍ଭରେ ୭ଜଣ ଓ ପରେ ଆଉ ଜଣେ କାଉନ୍‌ସିଲର ଯୋଗଦେବାରୁ ବୈଠକ ଆରମ୍ଭ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ବିଧାୟିକା ଅଳକା ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ବିଜେଡି ସମର୍ଥୀତ ୮ଜଣ କାଉନ୍‌ସିଲର ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ହେଲେ ଅଧିକାଂଶ କାଉନ୍‌ସିଲର ଅନୁପସ୍ଥିତ ଥିବାରୁ ପୌରାଞ୍ଚଳରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା ହୋଇପାରି ନ ଥିଲା। ଏନେଇ ପୌର ଉପାଧ୍ୟକ୍ଷ ଗୋପାଳ ସିତାନୀ କହିଛନ୍ତି, ସରକାରୀ ନୀତିନିୟମ ଅନୁଯାୟୀ ପୌର ପରିଷଦ ପରିଚାଳନା ହେଉନାହିଁ। କାନଉସିଲରଙ୍କୁ ଅଣଦେଖା କରି ପୌର ନିର୍ବାହୀ ଅଧିକାରୀ ମନମୁଖି କାମ କରୁଛନ୍ତି। ଧାରଣାରେ ବସିଥିବା ଭାଜପା କାଉନ୍‌ସିଲର କହିଛନ୍ତି, ୮ମାସ ମଧ୍ୟରେ ୪ କାଉନ୍‌ସିଲ ବୈଠକ ହୋଇଛି। ଏହିସବୁ ବୈଠକରେ ହୋଇଥିବା ରିଜୋଲୁଶନ ଅଦ୍ୟାବଧି ଗୋଟିଏ ହେଲେ କାର୍ଯ୍ୟକାରୀ ହୋଇନାହିଁ। କାଉନ୍‌ସିଲରଙ୍କୁ ନ ପଚାରି ପୌର ନିର୍ବାହୀ ଅଧିକାରୀ ମନମୁଖି କାମ କରୁଛନ୍ତି। ପୌରାଧ୍ୟକ୍ଷା ଓରାମ କହିଛନ୍ତି, ବୈଠକରେ କାଉନ୍‌ସିଲରଙ୍କ ଯେଉଁସବୁ ପ୍ରସ୍ତାବ ଆସୁଛି ସେ ସବୁର ଅର୍ଥିକ ଅନୁଦାନ ନେଇ କରାଯାଉଛି। କାଉନ୍‌ସିଲରଙ୍କ ଯେଉଁସବୁ ସମସ୍ୟା ରହିଛି ବୋଲି କହୁଛନ୍ତି ଏ ସମ୍ପର୍କରେ ତାଙ୍କ ନିକଟରେ କେହି ଅଭିଯୋଗ କରିନାହାନ୍ତି। ଅଭିଯୋଗ କଲେ ଏହାର ସମାଧାନ କରିବାପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବେନାହିଁ ବୋଲି ମନା କରିଦେଇଥିଲେ। ସୂଚନାଯୋଗ୍ୟ ଏହି ପୌର ପରିଷଦର ୨୦ଜଣ କାଉନସିଲର ବିଜେଡି ସମର୍ଥିତ, ୨ଜଣ ଭାଜପା, ଜଣେ ବିଏସ୍‌ପି ସମର୍ଥିତ ଥିବାବେଳେ ବିଜେଡିର ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷ ରହିଛନ୍ତି। ଶନିବାର ବୈଠକରେ ବିଜେଡିର ବିଧାୟିକା, ପୌରାଧ୍ୟକ୍ଷାଙ୍କ ସମେତ ୮ଜଣ ବିଜେଡି ସମର୍ଥିତ କାଉନସିଲର ଯୋଗଦେଇଥିବାବେଳେ ବାକି ୧୨ଜଣ ବିଜେଡି କାଉନସିଲର ବୈଠକ ବର୍ଜନ କରିଥିଲେ। ଏଥିରୁ ଦଳୀୟ କନ୍ଦଳ ଥିବା ନେଇ ଚର୍ଚ୍ଚା ହେଉଛି।



ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀ।

**ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟଙ୍କୁ ବିରୋଧ**

ଭବାନୀପାଟଣା,(ସ୍ୱ.ପ୍ର.): ପାକ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟଙ୍କୁ ବିରୋଧ କରିଛି ଭାଜପା। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ମଧ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ଏପରି ସ୍ଥଳେ ଶନିବାର ସନ୍ଧ୍ୟାରେ ଭବାନୀପାଟଣା ଗାନ୍ଧୀଛକଠାରେ କଳାହାଣ୍ଡି ଭାଜପା ପକ୍ଷରୁ ଏହି ଘଟଣାକୁ ନିନ୍ଦା କରିବା ସହ ପାକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ କୁଶପୁତ୍ତଳିକା ଦାହ କରାଯାଇଛି ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରୂପ୍ରା ରୋଡ଼,୧୭।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ରୁପ୍ରାରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୫ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀରେ ନର୍ଲା ପଞ୍ଚାୟତ ସମିତି ଅଧକ୍ଷା ମନୋରମା ମହାନ୍ତି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ନର୍ଲା ଜୋନ ୩ର ଜିଲା ପରିଷଦ ସଦସ୍ୟ ହରିଶଙ୍କର ମାଝି ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଘନଶ୍ୟାମ ଭୋଇ, ସମ୍ପାଦକ ସଞ୍ଜୀବ କୁମାର ଦାସ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁଜୀ ସରୋଜ କୁମାର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ପବିତ୍ର ମୋହନ ଛୁରିଆ ବିବରଣୀ ପାଠ କରିଥିଲେ। ସଭାପତି ଘନଶ୍ୟାମ ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ବିଶ୍ୱକପ ହକି ଉପଲକ୍ଷେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରୁପ୍ରା ରୋଡ଼,୧୭।୧୨(ଡି.ଏନ.ଏ.): ପୁରୁଷ ବିଶ୍ୱକପ ହକି ଉପଲକ୍ଷେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ତୁଲାପଡା ସରକାରୀ ଦାମୋଦର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ପରେଡ କରି ଅତିଥିମାନଙ୍କୁ ଅଭିବାଦନ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଗୋବର୍ଦ୍ଧନ ମାଝି ଯୋଗଦେଇ କ୍ରୀଡା ସମାଜର ଏକ ଅଙ୍ଗ ବୋଲି କହିଥିଲେ। ଶାରୀରିକ, ମାନସିକ ବିକାଶରେ କ୍ରୀଡାର ଭୂମିକା ଅନନ୍ୟ ବୋଲି ମଞ୍ଚାସୀନ ଅତିଥିମାନେ ମତଦେଇଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଭୋଇଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ଭାବେ ଅଧକ୍ଷ ସୁଶୀଲ ସେନାପତି ଯୋଗଦାନ କରି ତୁଲାପଡା କ୍ରୀଡାର ଭିତ୍ତିଭୂମି ବୋଲି ଦୃଢ ଦାବି କରିଥିଲେ। ଅନ୍ୟମାନଙ୍କ ମଧରେ ହିନ୍ଦୀ ଶିକ୍ଷକ ବିମଳ ରାସବିହାରୀ ପଧାନ, ଶିକ୍ଷକ ବୁଡୁ ପାନ ଓ ମନୋଜ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ହୋଇଥିଲେ। କ୍ରୀଡା ଶିକ୍ଷକ ଧ୍ରୁବ ନାଗ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ବ୍ଲକ ପେନ୍‌ସନ ଗ୍ରାହୀ ସଂଘର ସାଧାରଣ ବୈଠକ

କୋକସରା,୧୭।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ପେନସନ ଗ୍ରାହୀ ସଂଘର ସାଧାରଣ କାର୍ଯ୍ୟକାରିଣୀ ବୈଠକ ଶନିବାର କୋକସରା ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିପ୍ରସାଦ ପ୍ରଧାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ ଯୋଗଦେଇଥିଲେ। ବରିଷ୍ଠ ପେନସନ ଗ୍ରାହୀ ସଙ୍ଘ କର୍ମକର୍ତ୍ତା ଫକିର ଅଧିକାରୀ, ରାମ ପ୍ରସାଦ ନାଏକ ଓ ପରମେଶ୍ୱର ଗୋପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକଙ୍କୁ ପେନସନ ଗ୍ରାହୀ ସଂଘ ପକ୍ଷରୁ ପେନସନଧାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ଦେବା ପାଇଁ ବିଧାନସଭାରେ ପ୍ରଶ୍ନ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଅଶୋକ ମାଝି, ଧବଳେଶ୍ୱର ନାଗ, ଗୋକୁଳ ଚନ୍ଦ୍ର ଖମାରି, କାଶୀନାଥ ପୂଜାରୀ, ନବୀନ କୁମାର ଚଣ୍ଡି, କୀର୍ତ୍ତନ ଶବର, ବୁଟୁନାଥ ସରାବୁ, ଜୟଲାଲ ନାଏକ, କେଶବ ଚନ୍ଦ୍ର ନାଏକ, ମୁକ୍ତେଶର ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପ୍ରଗତି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭବାନୀପାଟଣା,୧୭।୧୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡାଙ୍କ ଜନ୍ମଦିନ ଅବସରରେ ଶନିବାର ପ୍ରଗତି ମହାବିଦ୍ୟାଳୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ମହାବିଦ୍ୟାଳୟ ଏନ୍‌ସିସି, ଏନଏସଏସ ଓ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ପ୍ରଗତି ଶିକ୍ଷାନୁଷ୍ଠାନର ସମସ୍ତ ଅଧାପିକାଅଧାପକ, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଅଭିଭାବିକା, ଛାତ୍ରୀଛାତ୍ର ତଥା ଅଣଶୈକ୍ଷିକ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା,ଚେୟାର ପରସନ ସୁଶ୍ରୀ ସଙ୍ଗୀତା ପଣ୍ଡା, ପ୍ରଗତି ମହାବିଦ୍ୟାଳୟର ଅଧକ୍ଷ ଜଗନ୍ନାଥ ତ୍ରିପାଠୀ ପ୍ରଥମେ ରକ୍ତଦାନ କରିଥିଲେ। କଳାହାଣ୍ଡି ଏଡିଏମ ଡ଼ଃ ନିହାର ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମୁଦାୟ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ଡ଼ା ସଞ୍ଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଗତ ଦିନ ଭଳି ପ୍ରଗତି ଶିକ୍ଷାନୁଷ୍ଠାନ ଆଗାମୀ ଦିନରେ ମଧ ସାମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ ରଖିଥିବ ବୋଲି ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା ମତ ପ୍ରକାଶ କରିଥିଲେ।

# ସ୍ଥାନାନ୍ତର ପାଇଁ ଜଣାଇଲେ ୨ ଗାଁର ଲୋକେ

ନୂଆପଡ଼ା ଅଫିସ,୧୭।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟରେ ବାସ କରୁଥିବା ଅନେକ ଗ୍ରାମରୁ ପ୍ରଥମ କରି ୨ ଗ୍ରାମବାସୀ ସରକାରଙ୍କ ନିୟମାନୁସାରେ ସ୍ଥାନାନ୍ତର ହେବା ପାଇଁ ଇଚ୍ଛା କରିଛନ୍ତି। ଏ ନେଇ ଗ୍ରାମବାସୀ ଲିଖିତ ଭାବେ ଜିଲାପାଳ ହେମାକାନ୍ତ ସାଏଙ୍କୁ ଜଣାଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ସୁନାବେଡା ଅଭୟାରଣ୍ୟ ଭିତରେ ବ୍ଲକର ୨ଟି ପଞ୍ଚାୟତର ଛୋଟବଡ ପ୍ରାୟ ୫୨ଖଣ୍ଡ ଗ୍ରାମ ରହିଛି। ସେଠାରେ ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆଙ୍କ ସମେତ ଗଉଡ, କୁଲୁତା, ଗଣ୍ଡ, ପହରିଆ ଆଦି ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। କିନ୍ତୁ ଅଭୟାରଣ୍ୟକୁ ସବୁଦିନିଆ ରାସ୍ତା ଅଭାବ ଓ ଅଭୟାରଣ୍ୟ ଅଧିନିୟମ ଯୋଗୁ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସୁନାବେଡା ପଞ୍ଚାୟତ ଗାତିବେଡା ଓ ଢେକୁନପାଣି ଗ୍ରାମ ଲୋକେ ସରକାରଙ୍କ ଅଭୟାରଣ୍ୟ ବିସ୍ଥାପନ ଅଧିନିୟମ ଅନୁଯାୟୀ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ଇଛା କରିଛନ୍ତି। ସରକାରଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। ଢେକୁନପାଣିବାସୀଙ୍କ କହିବାନୁଯାୟୀ ଆମେ ଏଠାରେ ଗତ


ଢେକୁନପାଣିବାସୀ ସଭା କରୁଛନ୍ତି।

**ସୁନାବେଡ଼ା ଅଭୟାରଣ୍ୟ**
- ବିସ୍ଥାପନ ଅଧିନିୟମ ଅନୁଯାୟୀ ଥଇଥାନ କରାଯିବ
- ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ

୯୦ ବର୍ଷ ଧରି ରହି ଆସୁଛୁ। ଆଜି ପର୍ଯ୍ୟନ୍ତ ଆମମାନଙ୍କ ନାମରେ ଘରଡିହ କିମ୍ବା ଜମି ପଟ୍ଟା ଖଣ୍ଡେ ନାହିଁ। ଆମେ ଯେଣତେଣ କରି ଚଳି ଆସିଲୁ। କିନ୍ତୁ ଆମ ପିଲାମାନେ ଏହି ଜଙ୍ଗଲ ଭିତରେ ରହିବାକୁ ଚାହୁଁନାହାନ୍ତି। ଏଠାରେ ସରକାରଙ୍କ କୌଣସି ମୌଳିକ ସୁବିଧା ନାହିଁ। ତେଣୁ ସେମାନେ ଆଉ ଏହି ଅନ୍ଧାରି ମୂଳକରେ ରହିବାକୁ ଚାହୁଁନାହାନ୍ତି। ଏଠାରେ ରହି ମଧ୍ୟ ଆମମାନଙ୍କ ନାମରେ କିଛି ନାହିଁ। ତେବେ ଅନ୍ୟତ୍ର ଚାଲିଯିବା ଭଲ ବୋଲି ସରକାରଙ୍କୁ ଜଣାଇଛନ୍ତି। ଏ ନେଇ ସୁନାବେଡା ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ଅଧିକାରୀ ବିନୟ ଭାଷନ କୁମାର ବିଶ୍ୱାସୀଙ୍କୁ ପଚାରିବାରୁ ଅଭୟାରଣ୍ୟରେ ବାଘ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଅବଶ୍ୟ ଏହାର ବିଧିବଦ୍ଧ ଘୋଷଣା ହୋଇନାହିଁ। ତଥାପି ଏହା ଅଭୟାରଣ୍ୟ ଘୋଷଣା ହୋଇଛି। ତେଣୁ ଅଭୟାରଣ୍ୟ ବିସ୍ଥାପନ ଅଧିନିୟମ ଅନୁଯାୟୀ ସ୍ଥାନାନ୍ତର ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ଥାନରେ ସ୍ୱତନ୍ତ୍ର କଲୋନୀ କରି ସେମାନଙ୍କୁ ଥଇଥାନ କରାଯିବ। ଏଥିସହ ପ୍ରତି ପରିବାରର ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସ ବ୍ୟକ୍ତି ପିଛା ୨୦ ଲକ୍ଷ ଟଙ୍କାର ପ୍ୟାକେଜ ଦେବାର ବ୍ୟାବସ୍ଥା ରହିଛି। ବର୍ତ୍ତମାନ ସମୟରେ ସୁନାବେଡାର ୨ଟି ଗାଁ ଗାତିବେଡା ଓ ଢେକୁନପାଣି ନିଜର ଆନ୍ତରିକତା ଦେଖାଇଛନ୍ତି। ଏ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ଖୁବଶୀଘ୍ର ଗ୍ରାମବାସୀଙ୍କ ସହ ବୈଠକ କରି ବ୍ୟାବସ୍ଥା କରାଯିବ। ପୂର୍ବରୁ ମଧ୍ୟ ଓଡିଶାର ଶିମିଳିପାଳ, ଆନନ୍ଦପୁର ଆଦି ଅଭୟାରଣ୍ୟରେ ଏପରି ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି କହିଛନ୍ତି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ଲାଞ୍ଜିଗଡ଼/ରୂପ୍ରା ରୋଡ଼,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ ଗ୍ରାମପଞ୍ଚାୟତ ତଥା ନର୍ଲା ରେଞ୍ଜ କମର୍ଦ୍ଧା ସେକ୍ସନ ପୁଜୁଗୁଡ଼ା ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଧାନଖଳାରେ ଶୋଇଥିବା ଜଣେ ବୃଦ୍ଧଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡ଼ି ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ଖଗେଶ୍ୱର ଗଉଡ଼ (୬୨)। ହାତୀ ଆକ୍ରମଣରେ ପୁଜୁଗୁଡ଼ାର ଚନ୍ଦନ ଗଉଡ଼(୨୭), ବିଭୁ ଗଉଡ଼ ନାମକ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଳମ୍ବିତ ରାତିରେ ପ୍ରଥମେ ନର୍ଲା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଗେଶ୍ୱରଙ୍କ ସହିତ ଚନ୍ଦନ, ବିଭୁ ଏବଂ ଅନ୍ୟ ୨ଜଣ ରାଜେନ୍ଦ୍ର ଓ ମନୋଜ ମଧ ଖଳାରେ ଶୋଇଥିଲେ। ଖବର ପାଇ ଶନିବାର ସକାଳୁ ନର୍ଲା ରେଞ୍ଜ ଅଧିକାରୀ ପ୍ରଶାନ୍ତ ପାଲ, ସିକେରକୁପା ଫାଣ୍ଡି ଅଧିକାରୀ ସୁବାସ ଗୁରୁ, ଗୋକୁଳ ସାହୁ, କମର୍ଦ୍ଧା ଫରେଷ୍ଟର ନବୀନ କୁମାର ମାଝି, ସିକେରକୁପା ଫରେଷ୍ଟର ଗିରିଧାରୀ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୨) ରୁଜୁ ହୋଇଛି। ଭୁର୍ଟିଗଡ଼ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପାଧର ଧରୁଆ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଧନୁଯାତ୍ରାର ୨ୟ ସନ୍ଧ୍ୟାରେ ମନମୋହିଲା ଦେବିକୀ ବିବାହ

ଖଡ଼ିଆଳ,୧୭।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା-ଦମାପଲାଠାରେ ଚାଲିଥିବା ଷଷ୍ଠତମ ବିରାଟ ଧନୁଯାତ୍ରାର ଶନିବାର ୨ୟ ରଜନୀରେ ମନମୋହିଲା ଦେବିକୀ ଓ ବାସୁଦେବଙ୍କ ବିବାହ କାର୍ଯ୍ୟକ୍ରମ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ଅନୁଷ୍ଠାନ ସଭାପତି କ୍ଷେତ୍ର ମୋହନ ଦୁରିଆ ଅଧକ୍ଷତା କରିଥିବା ବେଳେମୁଖ୍ୟ ଅତିଥି ଭାବେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଗ୍ରାମର ସୁଯୋଗ୍ୟ ସନ୍ତାନ ତଥା ମୁରିବାହଲ ବିଡିଓ ପୂର୍ଣ୍ଣାନନ୍ଦ ପଟେଲ, ଜିଲା ସଂସ୍କୃତି ଅଧିକାରୀ ଭୁପିନ୍ଦର ସିଂ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ଼ା ଶିବପ୍ରସାଦ ବେହେରା ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସୁନୀଲ କୁମାର ମାଝି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଭୁବନେଶ୍ୱର ବିଶି, ଉମା ଶଙ୍କର ମାଝି, ମହେନ୍ଦ୍ର ମାଝି, ସୁଶାନ୍ତ ଜଗତ, ଶିଖି ମାଝି, ପରମାନନ୍ଦ ମାଝି, ପବିତ୍ର ମାଝି, ଚୁମନଲାଲ ବାଗ, ପଦୁ ଚରଣ ହଂସ, ଜଗସନ ମାଝି, ଦିଲୀପ ବାରିକ, ସୁମନ୍ତ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ। ଧନୁଯାତ୍ରାର ତୃତୀୟ ସନ୍ଧ୍ୟାରେ ଦୁର୍ଗାଶ୍ରୀ ଗଣନାଟ୍ୟ ହେବା କାର୍ଯ୍ୟକ୍ରମ ରହିଛି।

# ଶଗଡ଼ା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭବାନୀପାଟଣା,୧୭।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବାବେଳେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ କରିଛନ୍ତି। ଉଦ୍‌ଘାଟନୀରେ ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅଶାନ୍ତ ନାଏକ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପଣ୍ଡା କହିଥିଲେ ଯେ, ମନୁଷ୍ୟ ଜୀବନରେ ଅମୂଲ୍ୟ ସଂପଦ ହେଉଛି ସୁସ୍ୱାସ୍ଥ୍ୟ ଓ ତାହାର ସୁରକ୍ଷା କରିବା ପାଇଁ କ୍ରୀ ନିହାତି ଆବଶ୍ୟକ। ତେଣୁ କ୍ରୀ କେବଳ ପ୍ରତିଯୋଗିତା ମଧରେ ସୀମାବଦ୍ଧ ନ କରି ଜୀବନର ଏକ ଅଙ୍ଗ କରିନେବା ଉଚିତ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ନାୟକ, କିଆପଦର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶୁଭମ ଜ୍ୟୋତି ରାଉତ ଓ କାମଠଣା ଦୟାନିଧି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅନୁପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ବାଳକ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ ଦଶମ ଶ୍ରେଣୀ ଜଗନ୍ନାଥ ଚଣ୍ଡି ଓ ବାଳିକା ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ ଦଶମ ଶ୍ରେଣୀର ଧରିତ୍ରୀ ନାଏକ। ବିଦ୍ୟାଳୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ସବଜୁନିୟର, ଜୁନିୟର ଓ ସିନୟରବର୍ଗର ୧୨ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ହୋଇଯାଇଛି। କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିଗଣ।

# ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ନେଇ ସଚେତନତା ରାଲି

କୋକସରା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ଅଧୀନ ଦର୍ଲିପଡା କ୍ଲଷ୍ଟରର ବଡକେନ୍ଦୁଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା କୈବଲ୍ୟ ଏଜୁକେସନ ଫାଉଣ୍ଡେଶନର ତତ୍ତ୍ୱାବଧାନରେ ଶନିବାର ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସଡକ ସୁରକ୍ଷାକୁ ନେଇ ସଚେତନତା ରାଲି କରାଯାଇଛି। ସକାଳେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ଏକ ରାଲିରେ ବାହାରି ବଡକେନ୍ଦୁଗୁଡାର ବିଭିନ୍ନ ଅଞ୍ଚଳ ବୁଲି ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସଡକ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦିତ୍ୟ ପଣ୍ଡାଙ୍କ ନେତୃତ୍ୱରେ ଦର୍ଲିପଡା କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟରେ ପାନୀୟ ଜଳ, ଶୌଚାଳୟ, ସ୍କୁଲ ଆସେମ୍ବ୍ଲି, ସ୍କୁଲ କ୍ୟାବିନେଟ, ଲାଇବ୍ରେରୀ ଓ ବାଳା ସହିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜ ମାଝି, କମିଟି ଅନ୍ୟ ସଦସ୍ୟ, ଶିକ୍ଷକ ଲିଙ୍ଗରାଜ ନାଏକ, ଅଜିତ ସାହୁ, ତ୍ରିଲୋଚନ ଧଙ୍ଗଡା ମାଝିଙ୍କ ସହ ଅନ୍ୟ ବିଦ୍ୟାଳୟ ଶିକ୍ଷକମାନେ ଉପସ୍ଥିତ ରହିଥିଲେ। ସିଆରସିସି ସୁବାସ ବାଗ ସଭା ପରିଚାଳନା କରିଥିବା ବେଳେ କମଲ ଲୋଚନ ଖମାରୀ, ଦେବାଶିଷ ବେହେରା ପ୍ରମୁଖ ସାହାଯ୍ୟ କରିଥିଲେ। ଶିକ୍ଷକ ଶରତ ପୂଝାରୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୧୭।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମେଜର ଡକ୍ଟର ରାମଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ମଞ୍ଜୁରାଣୀ ଦାସ, ମୁଖ୍ୟବକ୍ତା ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡକ୍ଟର ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବରେ ଶାନ୍ତି ଜୋନ ସଂଯୋଜକ ମଦନ ମୋହନ ଦାନୀ, ପରିଚାଳନା କମିଟି ଉପସଭାପତି ଶ୍ରୀବତ୍ସ ବାରିକ ଯୋଗଦାନ କରିଥିଲେ। ପରିଚାଳନା କମିଟି ସମ୍ପାଦିକା ସବିତା ବେହେରା ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଦସ୍ୟ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷା କେନ୍ଦ୍ରର ଅଧକ୍ଷ ବେଣୁଧର ବାଗ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ନବୀନ କିଶୋର ପାଢ଼ୀଙ୍କ ଅଧକ୍ଷତାରେ ସମାରୋହକୁ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ମଞ୍ଜୁରାଣୀ ଦାସ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନବଜୀବନ ଶିକ୍ଷା ସଂସଦ ସଂଯୋଜକ ବ୍ରଜମୋହନ ବେହେରା, ପରିଚାଳନା କମିଟି ସଦସ୍ୟ ସତୀଶ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ଶିକ୍ଷାବିତ ଆଦିତ୍ୟ ନାରାୟଣ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପ୍ରାକ୍ତନ ଛାତ୍ରୀ ପୂଜା ସାହୁ ଧନ୍ୟବାଦ ଦେଇଥିଲେ।

# ସିନାପାଲି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ସିନାପାଲ,୧୭।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ୬୧ତମ ବାର୍ଷିକ କ୍ରୀଡ଼ା ଶନିବାର ଉଦଯାପିତ ହୋଇଛି। ଏହି କ୍ରୀଡ଼ା ସମାରୋହକୁ ପ୍ରାକ୍ତନ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପତି ଉଦ୍‌ଘାଟନ କରିଥିଲେ। କ୍ରୀଡା ଉତ୍ସବରେ ବିଭିନ୍ନ ବିଭାଗର ପ୍ରାୟ ୫୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବ୍ୟାଡମିଣ୍ଟନ ପ୍ରତିଯୋଗିତା ସହ ଶେଷ ଦିବସରେ ୭ କି.ମି. ଛାତ୍ରଛାତ୍ରୀଙ୍କ ବିଜୟୀ ମାରାଥନ କ୍ରୀଡ଼ ମୁଖ୍ୟ ଆକର୍ଷଣ ଥିଲା। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧକ୍ଷତାରେ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ତହସିଲଦାର ହୃଦାନନ୍ଦ ମାଝି ଓ ସମ୍ମାନିତ ଅତିଥି ରେଞ୍ଜ ଅଫିସର ମୁରାରୀ ପ୍ରସାଦ ପଣ୍ଡା, କେନ୍ଦୁଲିଫ ରେଞ୍ଜ ଅଫିସର ସନ୍ତୋଷ କୁମାର ସୁନାନୀ, ଏକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ହରେକୃଷ୍ଣ ପ୍ରଧାନ, ବନ ବିଭାଗ ଅଧିକାରୀ ମହାଦେବ ବନିଚୁନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କମଲଜିତ ବୈକାର ପରିଚାଳନା କରିଥିଲେ। ଏହି ଅବସରରେ ଜାତୀୟସ୍ତରରେ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ପୁରାତନ ଛାତ୍ର ନୀହାର ରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମହେଶ କୁମାର ମେହେର ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ନୀଲେନ୍ଦ୍ରୀ ସିଂ, ମୁବାରକ ଖାନ, ଅନିଲ କୁମାର ସା, ମହେଶ କୁମାର ମେହେର, ଅଜିତ ମେହେର, ଆଶିଷ ସା, କନକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଗଜବାହାଲ ହାଇସ୍କୁଲ ବାର୍ଷିକ ଉତ୍ସବ ଉଦ୍‌ଯାପିତ

କର୍ଲାମୁଣ୍ଡା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଜବାହାଲ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ପଧାନ, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ (କ) ମହେନ୍ଦ୍ର ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡୁଲେଶ୍ୱର ପଧାନ, ସାମାଜିକ କର୍ମୀ ବାବା ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୌଭାଗ୍ୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ଓ ବାଳିକା ସିନିୟର ବିଭାଗରୁ ମୃତ୍ୟୁଞ୍ଜୟ ଭୋଇ, ମନୀଷା ଗହୀର, ଜୁନିୟର ବିଭାଗରୁ ସଞ୍ଜୀବ ରଣା, ଲିପସା ପଧାନ, ସବଜୁନିୟର ବିଭାଗରୁ ଉତ୍ତମ ବେହେରା, ଅନଷୋ ପୁଟେଲ ଚାମ୍ପିୟନ ହୋଇଥିଲେ। ଶିକ୍ଷକ କୃପାସିନ୍ଧୁ ପୁଟେଲ, ରୋହିତ କୁମୁରା, ଅଶ୍ୱିନୀ କୁମାର ପଣ୍ଡା, ହରିଲାଲ ବିଭାର, ପ୍ରକାଶ ମେହେର, ଅଜିତ କୁମାର ସାହୁ, ନୃପରାଜସାହୁ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ମୁଖ୍ୟଅତିଥି ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଅଭିଭାଷଣ ପ୍ରଦାନ କରୁଛନ୍ତି।

# ଏସ୍‌ଏଚ୍‌ଜିକୁ ମିଳିନି ଧାନକିଣା ପାଉଣା

ନୂଆପଡ଼ା ଅଫିସ,୧୭।୧୨

ନୂଆପଡ଼ା ଜିଲାର ୨୦୨୧ ଖରିଫ ଋତୁରେ ୧୭ଟି ମହିଳା ସ୍ୱୟଂ ସହାୟକ ଦଳକୁ ମଣ୍ଡି ଚଳାଇବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ନୂଆପଡା ସଦର ବ୍ଲକ ବୁଢିପାଲି ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଦଳ (ଏସ୍‌ଏଚ୍‌ଜି) ଗୋଟିଏ ବର୍ଷ ପରେ ବି ଧାନ କିଣା ଓ ହେମାଲି ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲାରେ ଗତ ଖରିଫ ଋତୁରେ ୧୭ଟି ମହିଳା ସ୍ୱୟଂ ସହାୟକ ଦଳ ଧାନ କିଣାରେ ଭାଗ ନେଇଥିବା ବେଳେ ଚଳିତବର୍ଷ ଖରିଫ ଋତୁରେ ମଧ୍ୟ ୧୫ଟି ମହିଳା ସ୍ୱୟଂ ସହାୟକ ଦଳ ଧାନ କିଣାରେ ଭାଗ ନେଇଛନ୍ତି। ସେଥି ମଧ୍ୟରୁ ସଦର ବ୍ଲକର ବୁଢିପାଲି ପଞ୍ଚାୟତ ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଦଳ ୨୦୨୧ ଖରିଫ ଋତୁରେ ଧାନ କିଣାରେ ଅଂଶ ଗ୍ରହଣ କରିଥିଲେ। ବୁଢିପାଲି ତଥା ନିକଟତମ ଅନ୍ୟ ଗ୍ରାମ୍ୟଗୁଡିକର ୫୨୫ଜଣ ଚାଷୀଙ୍କଠାରୁ ୩୧ ହଜାର ୬୮୧ କୁଇଣ୍ଟାଲ ଧାନ କ୍ରୟ କରିଥିଲେ। କୁଇଣ୍ଟାଲ ପିଛା ୩୧.୨୬ ଟଙ୍କା ହିସାବରେ ମୋଟ ୯ ଲକ୍ଷ ୯୦ ହଜାର ଟଙ୍କା ସରକାରଙ୍କଠାରୁ ପାଇବାକୁ ବକେୟା ରହିଛି। ସେହିପରି ଧାନ କିଣାବିକା ସମୟରେ ଧାନ ଟ୍ରକରେ ଚଢାଇବା ହେମାଲି ବାବଦକୁ ମଧ୍ୟ ସରକାରଙ୍କଠାରୁ ପ୍ରାୟ ୨ ଲକ୍ଷ ୭୪ ହଜାର ଟଙ୍କା ପାଇବାକୁ ବାକି ରହିଛି। ଧାନ କିଣା ଓ ହେମାଲି ବାବଦକୁ ମୋଟ ୧୨ଲକ୍ଷ ୬୪ ହଜାର ଟଙ୍କା ବାକେୟା ରହିଥିଲେ ମଧ୍ୟ ଚଳିତବର୍ଷ ଏହି ମହିଳା ଦଳ ଭାଙ୍ଗି ନ ପଡି ବ୍ୟାଙ୍କରୁ ୫ ଲକ୍ଷ ୫୦ ହଜାର ଋଣ ଆଣି ପୁନଃ ମଣ୍ଡିରେ ଭାଗ ନେଇଛନ୍ତି ବୋଲି ଦଳ ସଭାନେତ୍ରୀ କୁନ୍ତି ସାହୁ ଓ ସମ୍ପାଦିକା ଭାରତୀ ରାଉତ ପ୍ରକାଶ କରିଛନ୍ତି। ଆଜି ସୁଦ୍ଧା ଚଳିତ ଖରିଫ ଋତୁରେ ଏହି ଦଳ ୨୦୫ଜଣ ଚାଷୀଙ୍କଠାରୁ ୧୦ ହଜାର ୬୯୭ କୁଇଣ୍ଟାଲ ଧାନ କ୍ରୟ କରି ସାରିଲେଣି। ମିଲର୍ସମାନେ ଠିକ ସମୟରେ ଗାଡି ପଠାଉ ନ ଥିବାରୁ ଚାଷୀ ମାନେ ହଇରାଣ ହୋଇ ଶୀତ କାକରରେ ଜଗି ରହିବାକୁ ପଡୁଛି ବୋଲି ମହିଳାମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରଙ୍କୁ ପଚାରିବାରୁ ଗତବର୍ଷ ଟଙ୍କା ଆସିଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ।


ମହିଳା ଦଳ ଧାନ କିଣିବା ପାଇଁ ରହିଛନ୍ତି।

**ଗତ ଖରିଫ ଋତୁର ୧୨.୬୪ ଲକ୍ଷ ମିଳିନି**

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୮ ଡିସେମ୍ବର, ୨୦୨୨



## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟଙ୍କୁ ବିରୋଧ

ଭବାନୀପାଟଣା,(ସ୍ୱ.ପ୍ର.): ପାକ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦାରୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟଙ୍କୁ ବିରୋଧ କରିଛି ଭାଜପା। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ମଧ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ଏପରି ସ୍ଥଳେ ଶନିବାର ସନ୍ଧ୍ୟାରେ ଭବାନୀପାଟଣା ଗାନ୍ଧୀଛକଠାରେ କଳାହାଣ୍ଡି ଭାଜପା ପକ୍ଷରୁ ଏହି ଘଟଣାକୁ ନିନ୍ଦା କରିବା ସହ ପାକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ କୁଶପୁତଳିକା ଦାହ କରାଯାଇଛି ।

### ସଂକ୍ଷେପରେ

## ଜୀବନ ସହିତ ସଂଗ୍ରାମ କରି ହାରିଗଲେ ମହେଶ୍ୱର



ସୋନପୁର/ଅମରପାଲି,୧୭।୧୨ (ନି.ପ୍ର./ଡି.ଏନ.ଏ.): କଟକ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଛନ୍ତି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଳି ଗ୍ରାମର ଶିଶୁ ମହେଶ୍ୱର ପଧାନ(୧୨)। ହିମାଂଶୁ ପଧାନଙ୍କ ପୁତ୍ର ମହେଶ୍ୱର କୁମାରକେଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଗତ ରବିବାର ଅପରାହ୍ନରେ ମହେଶ୍ୱର ରାସ୍ତାକଡରେ ଧାନ ଅମଳ କରୁଥିବା ତାଙ୍କ ବାପାଙ୍କୁ ମଧ୍ୟାହ୍ନଭୋଜନ ଦେବାକୁ ଯାଇଥିଲେ। ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ମହେଶ୍ୱର କିଛି ଦୂରକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଦୁଇ ଦିନ ଚିକିତ୍ସା ପରେ ମହେଶ୍ୱରଙ୍କୁ ପୁଣି କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା। ୬ ଦିନ ଜୀବନ ଯୁଦ୍ଧରେ ସଂଗ୍ରାମ କରିବା ପରେ ତାଙ୍କର ମୃତ୍ୟୁ ଘଟିଛି। ବିଦ୍ୟାଳୟରେ ନୂଆ କରି ଖୋଲିଥିବା ଜୁନିୟର ରେଡକ୍ରସରେ ସାମିଲ ହୋଇ ସମସ୍ତଙ୍କ ସେବା କରିବା ପାଇଁ ମହେଶ୍ୱର ଆଶା ରଖିଥିଲେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଶନିବାର ଛାତ୍ରଙ୍କ ମୃତ୍ୟୁରେ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଦେଖି ଦୁର୍ଘଟଣା ଘଟାଇ ଥିବା କାରକୁ ଧରିବାକୁ ଉଦ୍ୟମ ଜାରି ରଖିଛି।

## କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ସୋନପୁର,୧୭।୧୨(ନି.ପ୍ର.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡଖୋଲ ନିକଟସ୍ଥ କଦମତଳ ଛକରେ କାର ଧକ୍କାରେ ସାଇକେଲ ଆରୋହୀଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ନାମ ବିଶ୍ୱମ୍ଭର ନାଏକ(୬୨)। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ତରଭା ଥାନା ଜୁରାବନ୍ଧ ଗାଁରେ। ବିଶ୍ୱମ୍ଭର ଏକ ସାଇକେଲରେ ସୋନପୁର ଅଭିମୁଖେ ଆସୁଥିବା ବେଳେ ବଲାଙ୍ଗୀର ପଟୁ ଆସୁଥିବା ଏକ କାର ପଛପଟୁ ଧକ୍କା ଦେଇଥିଲା। ବିଶ୍ୱମ୍ଭରଙ୍କ ମୁଣ୍ଡରେ ମାଡ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତ ବୃଦ୍ଧଙ୍କ ଶବ ବ୍ୟବଚ୍ଛେଦ କରାଯିବ । ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇ ଥିବା କାର ଦ୍ରୁତବେଗରେ ଖସି ପଳାଇ ଯିବାରେ ସକ୍ଷମ ହୋଇଛି। ତେଣୁ ଉକ୍ତ କାର ସମ୍ପର୍କରେ ପୋଲିସ ନିକଟରେ କୌଣସି ସୂଚନା ନଥିବା ଜଣାପଡିଛି।

# କ୍ରଶର ଭିତରକୁ ଗାଡ଼ି ପୁରାଇଲା ପୋଲିସ: ଉତ୍ତେଜନା

ବୌଦ୍ଧ,୧୭।୧୨ (ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁଠାରେ ବନ୍ଦ ଥିବା କ୍ରଶର ଓ ପଥରକ୍ୱାରି ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍ପତ୍ତିକୁ ଘୋର ବିରୋଧ କରି ଗ୍ରାମବାସୀ ଚଳାଇଥିବା ଗଣଧାରଣା ଶନିବାର ୪୭ ଦିନରେ ପହଞ୍ଚିଛି। ନିଜ ଭିଟାମାଟି ସୁରକ୍ଷା ପାଇଁ ଶୀତ କାକରରେ ଗ୍ରାମବାସୀ କ୍ରଶର ସ୍ଥାପନ ହୋଇଥିବା ସରାଡିଖୋଲ ରାସ୍ତା ଉପରେ ଧାରଣାରେ ବସି ରହିଛନ୍ତି । ଶନିବାର ପ୍ରଶାସନ ପୋଲିସ ଫୋର୍ସ ନେଇ ଲୋକଙ୍କୁ ମାଡ ମାରିବା ଭୟ ଦେଖାଇ ବେସରକାରୀ ଠିକା ସଂସ୍ଥାର ହାଇୱା ଗାଡିଗୁଡିକୁ କ୍ରଶର ଭିତରକୁ ପୁରାଇଥିଲା। ଏନେଇ ଗ୍ରାମବାସୀ ଓ ପୋଲିସ ମଧ୍ୟରେ ପାଟିତୁଣ୍ଡ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଡିଗୁଡିକୁ କ୍ରଶରକୁ ପୁରାଇବା ପରେ କ୍ରଶର ମଧ୍ୟରୁ ଠିକା ସଂସ୍ଥା ମାଲ ଆଣିଥିବା ଜଣାପଡିଛି। ପୋଲିସ ଗାଡିଗୁଡିକ କ୍ରଶର ଭିତରକୁ ପୁରାଇଥିବା ସତ୍ତ୍ୱେ ଗ୍ରାମବାସୀ ଧାରଣା ଜାରି ରଖିଛନ୍ତି। ଗତ ଶୁକ୍ରବାର ଦିନ ପୋଲିସ ଆନ୍ଦୋଳନକୁ ସମର୍ଥନ



ପୋଲିସ ଉପସ୍ଥିତିରେ ଗାଡିଗୁଡିକୁ କ୍ରଶର ଭିତରକୁ ଛଡାଯାଉଛି।

- ୪୭ ଦିନରେ ପହଞ୍ଚିଲା ଗ୍ରାମବାସୀଙ୍କ ଗଣଧାରଣା
- ପଥରକ୍ୱାରି ଓ କ୍ରଶର ପୁନଃ ଚାଲିବା ନିଷ୍ପତ୍ତିର ପ୍ରତିବାଦ

କରୁଥିବା ଗ୍ରାମର ଅରବିନ୍ଦ ଭୋକ୍ତା ଓ ହୃଦାନନ୍ଦ ଦେହୁରୀଙ୍କୁ ଉଠାଇ ଆଣି ଅଟକ ରଖିଥିବା ଜଣାପଡିଛି । ଅରବିନ୍ଦଙ୍କ ସ୍ତ୍ରୀ ୭ ମାସର ଗର୍ଭବତୀ ଥିବା ବେଳେ ଘରେ ଦୁଇଟି ଛୋଟ ଝିଅ ବ୍ୟତୀତ କେହି ନ ଥିବାରୁ ଚିନ୍ତାରେ ତାଙ୍କ ସ୍ତ୍ରୀ ଅଛନ୍ତି । କ୍ରଶର ଚାଲିବା ନେଇ ପୋଲିସ ପ୍ରଶାସନର ମାତ୍ରାଧିକ ଜୁଲୁମରେ ଗରିବ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ସମର୍ଥନ କରୁଥିବା ଶ୍ରମିକ ନେତା ଅବକାଶ ସାହୁଙ୍କୁ ଗିରଫ କରିବା ପରେ ପୋଲିସ ଆନ୍ଦୋଳନ ଭଣ୍ଡୁର ହୋଇଯିବା ଆଶଙ୍କା କରୁଥିବା ବେଳେ ଏହା ଦିନକୁ ଦିନ ବଢିବାରେ ଲାଗିଛି। ଘଟଣାସ୍ଥଳରେ ବର୍ତ୍ତମାନ ବ୍ୟାପକ ପୋଲିସ ମୁତୟନ ହୋଇଥିବା ଜଣାପଡିଛି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା

ବିନିକା,୧୭।୧୨(ଡି. ଏନ. ଏ.)

ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ସ୍ଥାନୀୟ ନୂଆପାଲି ସ୍ଥିତ ଖେଳ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଛାତ୍ରୀମାନେ ମଶାଲ ଶୋଭାଯାତ୍ରାରେ ପଡିଆକୁ ଆସିବା ପରେ ମୁଖ୍ୟ ଅତିଥି ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭୋଇ,ସମ୍ମାନିତ ଅତିଥି ପୋଲିସ ସବଇନ୍ସପେକ୍ଟର ରବୀନ୍ଦ୍ର ସାହୁ, କାଉନସିଲର ବିଜୟ ବରାଇ ଯୋଗଦେଇଥିଲେ। ଅଧ୍ୟାପିକା ବୈଜୟନ୍ତୀ ସାହୁ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ଅଶୋକ ବିଶି ଧନ୍ୟବାଦ ଅର୍ପଣ କରିଥିଲେ । ଖେଳ ଅଧ୍ୟାପିକା ବିଦ୍ୟୁଲତା କରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ୧୦୦ମି, ୨୦୦ମି, ୪୦୦ମି ଦୌଡ, ସଟପୁଟ, ଡିସକସ, ଜାଭଲିନ ଥ୍ରୋ, ଲଙ୍ଗଜମ୍ପ, ମ୍ୟୁଜିକ ଚେୟାର ଆଦି ଖେଳର ସଫଳ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲେ।

## ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା



ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ।

ବୌଦ୍ଧ,୧୭।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଠାରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର ଯୋଗ ଦେଇଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଥିବା ବେଳେ ୭୦ ଷ୍ଟଲରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଉଛି। ମଞ୍ଚକୁ ବିଜୟ କୁମାର ସାହୁ ଓ ବସନ୍ତ କୁମାର ସାହୁ ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସମ୍ବଲପୁରୀ ଲୋକ ନୃତ୍ୟ ଦର୍ଶକ ଶିତୁଆ ରାତିରେ ଉପଭୋଗ କରିଥିଲେ। ଏହାଛଡା ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା।

# ଅମରପାଲି କ୍ରିକେଟ: ବ୍ରାହ୍ମଣିପାଲି ସେମିରେ



ଅତିଥିଙ୍କ ସହିତ ବିଜୟୀ ବ୍ରାହ୍ମଣୀପାଲି ଦଳର ଖେଳାଳିମାନେ।

ଅମରପାଲି,୧୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସ ଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ୩୦ତମ ଅମରପାଲି କ୍ରିକେଟ କପର ଶନିବାର ଥିଲା ତୃତୀୟ ଦିବସ। ଦିବସର ପ୍ରଥମ ମ୍ୟାଚ ବ୍ରାହ୍ମଣୀପାଲି ଓ ରେ.ବଡମାଲ ମଧ୍ୟରେ ହୋଇଥିଲା। ବଡମାଲ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ୫.୫ ଓଭରରେ ୨ ଉଇକେଟ ବିନିମୟରେ ୭୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଡୁଲୁଣ୍ଡପାଲି(ବିନିକା) ଓ ସିଣ୍ଢୋଲ ମଧ୍ୟରେ ହୋଇଥିଲା। ଡୁଲୁଣ୍ଡପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୧୨ରନ କରିଥିଲା। ଜବାବରେ ସିଣ୍ଢୋଲ ଦଳ ୯.୫ ଓଭର ରେ ୮ ଉଇକେଟ ହରାଇ ୧୧୩ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ବ୍ରାହ୍ମଣୀପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ସିଣ୍ଢୋଲ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ସିଣ୍ଢୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୮୯ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ସମାନ ୮୯ରନ କରିଥିଲା। ମ୍ୟାଚ ବରାବର ହେବାରୁ ସୁପର ଓଭର ଖେଳାଯାଇଥିଲା। ଏଥିରେ ବ୍ରାହ୍ମଣୀପାଲି ୧୩ ରନ କରିଥିବା ବେଳେ ସିଣ୍ଢୋଲ ଦଳ ୪ରନ କରି ପରାସ୍ତ ହୋଇଥିଲା। ଫଳରେ ବ୍ରାହ୍ମଣୀପାଲି ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ପୀତାମ୍ବର ସାହୁ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରେଞ୍ଜ ଅଧିକାରୀ ଅନିଲ କୁମାର ପୁରୋହିତ, ସ୍ଥାନୀୟ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ପ୍ରାଣବନ୍ଧୁ ସାହୁ ଓ ଯଦୁମଣୀ ବାଘ ପ୍ରମୁଖ ଅତିଥିଭାବେ ଯୋଗଦେଇ ବ୍ରାହ୍ମଣୀପାଲିର ସୁଶାନ୍ତ ମିର୍ଦ୍ଧାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ଲାଞ୍ଜିଗଡ଼/ରୂପ୍ରା ରୋଡ୍,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ ଗ୍ରାମପଞ୍ଚାୟତ ତଥା ନର୍ଲା ରେଞ୍ଜ କମର୍ଦ୍ଧା ସେକ୍ସନ ପୁଜୁଗୁଡ଼ା ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଧାନଖଳାରେ ଶୋଇଥିବା ଜଣେ ବୃଦ୍ଧଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡ଼ି ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ଖଗେଶ୍ୱର ଗଉଡ଼ (୬୨)। ହାତୀ ଆକ୍ରମଣରେ ପୁଜୁଗୁଡ଼ାର ଚନ୍ଦନ ଗଉଡ଼(୨୭), ବିଭୁ ଗଉଡ଼ ନାମକ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଳମ୍ବିତ ରାତିରେ ପ୍ରଥମେ ନର୍ଲା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଗେଶ୍ୱରଙ୍କ ସହିତ ଚନ୍ଦନ, ବିଭୁ ଏବଂ ଅନ୍ୟ ୨ଜଣ ରାଜେନ୍ଦ୍ର ଓ ମନୋଜ ମଧ୍ୟ ଖଳାରେ ଶୋଇଥିଲେ। ଖବର ପାଇ ଶନିବାର ସକାଳୁ ନର୍ଲା ରେଞ୍ଜ ଅଧିକାରୀ ପ୍ରଶାନ୍ତ ପାଲ, ସିକେରକୁପା ଫାଣ୍ଡି ଅଧିକାରୀ ସୁବାସ ଗୁରୁ, ଗୋକୁଳ ସାହୁ, କମର୍ଦ୍ଧା ଫରେଷ୍ଟର ନବୀନ କୁମାର ମାଝି, ସିକେରକୁପା ଫରେଷ୍ଟର ଗିରିଧାରୀ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୨) ରୁଜୁ ହୋଇଛି। ଭୁର୍ଟିଗଡ଼ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପାଧର ଧରୁଆ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ମନୋଜ ଦାସ ଓଡ଼ିଆ ଗଳ୍ପର ଏକ ବୈପ୍ଳବିକ ଚେତନା



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ଅତିଥି ।

ସୋନପୁର,୧୭।୧୨(ନି. ପ୍ର.)

ସୋନପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ଓ ମନୋଜ ଦାସ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଗାଳ୍ପିକ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ବଲପୁର ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର୍ ଅଖିଳ ବିଶ୍ୱାଳ ମୁଖ୍ୟ ଆଲୋଚକ, ପ୍ରାଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର ସହ ଆଲୋଚକଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ଗଳ୍ପରେ ମନୋଜ ଦାସ ଏକ ବୈପ୍ଳବିକ ଚେତନା। ସଭା ସଂଯୋଜନା କରିଥିଲେ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୌରଭ ରଞ୍ଜନ ଖମାରୀ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡକ୍ଟର ଇତିଶ୍ରୀ ଦାସ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ମୀନକେତନ କୁମ୍ଭାର। ଓଡ଼ିଆ ବିଭାଗ ଛାତ୍ର ଘନଶ୍ୟାମ ମାଝି, କରୁଣା ଭୋଇ, ଗୁପ୍ତେଶ୍ୱର ଓ ଛାତ୍ରୀ ଅମ୍ରିତା ନନ୍ଦ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ନୀଳିମା ପଧାନ, ରାଜଲତା ଅଲିଭା, ପ୍ରାଧ୍ୟାପିକା ଡକ୍ଟର କଳ୍ପନା ମିଶ୍ର, ଡକ୍ଟର ରାଜେନ୍ଦ୍ର ରଣା, ଅଧ୍ୟାପକ ନିରଞ୍ଜନ ଡାଙ୍ଗ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାସେବୀ ପଞ୍ଜିକରଣ କାର୍ଯ୍ୟକ୍ରମ

ସୋନପୁର, ୧୭।୧୨(ନି. ପ୍ର)

ସୋନପୁର ବ୍ଲକ ଖମ୍ଭେଶ୍ୱରୀପାଲିସ୍ଥିତ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ଏବଂ ଏନଏସଏସ ୟୁନିଟ ତରଫରୁ ସ୍ୱେଚ୍ଛାସେବୀ ପଞ୍ଜିକରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନୁଷ୍ଠାନ ଅଧ୍ୟକ୍ଷା ସ୍ୱପ୍ନା ମହାପାତ୍ର ଅଧ୍ୟକ୍ଷତା କରି ସ୍ୱେଚ୍ଛାସେବୀମାନେ କିପରି ସେବାବ୍ରତ ହୋଇ ନାମ ରଖିବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଦେବାଶିଷ ମିଶ୍ର, ରାଜନୀତି ବିଜ୍ଞାନ ଅଧ୍ୟାପିକା ମାଧବୀ କର୍ମୀ, ଓଡିଆ ଅଧ୍ୟାପିକା ଚୁମିକି ନାୟକ ଓ ଶିକ୍ଷା ବିଭାଗ ଅଧ୍ୟାପିକା ପ୍ରିତୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ସୁବର୍ଣ୍ଣପୁରର ଏମଟିଏସ କୃପାସିନ୍ଧୁ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ସପ୍ତମ ରାଜ୍ୟସ୍ତରୀୟ ବଘିଆପଡ଼ା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଘିଆପଡା,୧୭।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା ବଘିଆପଡା ଖେଳପଡିଆଠାରେ ୟୁଥ କ୍ଲବ ଆନୁକୂଲ୍ୟରେ ସପ୍ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବରେ ବଘିଆପଡା ସରପଞ୍ଚ ଅନୁଜା ଦୀପ, ଟିକରପଡା ସରପଞ୍ଚ ଝରଣା ଜାନୀ, ବ୍ରାହ୍ମଣୀପାଲି ସରପଞ୍ଚ ଅରୁଣ ବାଘ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ବ୍ରହ୍ମପୁର ଷ୍ଟାର ଏକାଦଶ ଓ ଅନୁଗୁଳ ଲୁଟୁ ୱାରିଆର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୁଳ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ ହରାଇ ୧୨୦ ରନ କରିଥିଲା । ଏହାର ଜବାବରେ ବ୍ରହ୍ମପୁର ଦଳ ସମସ୍ତ ଉଇକେଟ ହରାଇ ୬୨ ରନ କରି ପରାଜୟ ବରଣ କରିଥିଲା। ଅନ୍ୟ ଏକ ମ୍ୟାଚ ଏମସିସି ସମ୍ବଲପୁର ବନାମ ଇମେଜ ଏକାଦଶ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୬୭ ରନ କରିଥିଲା। ଏହାର ଜବାବରେ ସମ୍ବଲପୁର ଦଳ ୬.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଅମ୍ପାୟର ଭାବେ ଖେଳକୁ ସୁଶାନ୍ତ କୁମାର ସାହୁ, ରାମ ଦଳବେହେରା, ଅଜିତ ପ୍ରଧାନ, ଦେବାଶିଷ ପ୍ରଧାନ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟରେ ୮ ଗୋଟି ଦଳ ଭାଗ ନେଇଥିବା ବେଳେ ବିଜେତା ଦଳକୁ ଟ୍ରଫି ସହ ୪୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟିର ଅଧ୍ୟକ୍ଷ ସ୍ୱରୁପା ସାହୁ ସୂଚନା ଦେଇଛନ୍ତି । ହୀରାଲାଲ ସାହୁ, ଗଗନ ମହାନ୍ତି, ମିଥୁନ ପାତ୍ର, ସୌମ୍ୟ ରଞ୍ଜନ ମଲିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ସୋମବାର ଦିନ ଏହି ଟୁର୍ନାମେଣ୍ଟର ଫାଇନାଲ ହେବ।



ଅତିଥି ଓ ଖେଳାଳିମାନେ।

# ଲୁତୁରପଙ୍କ କ୍ରିକେଟ କପର ଟଏସ୍ ଲକିଙ୍ଗ ଉତ୍ସବ

ଅମରପାଲି,୧୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଆସନ୍ତା ୨୨ତାରିଖରେ ହେବ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ ।ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୧୦ଟି ଦଳ ଅଂଶଗ୍ରହଣ କରିବେ। ଉକ୍ତ ଟୁର୍ନାମେଣ୍ଟର ଟଏସ ଲକିଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ସୁଧିର ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ସୁର୍ଯ୍ୟ ନନ୍ଦ, ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ଶ୍ୟାମସୁନ୍ଦର ପଣ୍ଡା, ଟୁର୍ନାମେଣ୍ଟର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ବିଭୀଷଣ ଭୋଇ, ସମ୍ପାଦକ ହୃଶୀକେଶ




ଲୁତୁରପଙ୍କରେ ଟଏସ ଲକିଂ ଉତ୍ସବର ମଞ୍ଚାସୀନ ଅତିଥି ।

ଖିଲାର, ରଷୁଡା(ବଲାଙ୍ଗୀର)ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ ମଲ୍ଲିକ, କ୍ରୀଡାବିତ ରମଣ ପ୍ରଧାନ, ସିଣ୍ଢୋଲ ୟୁପି ସ୍କୁଲ ଶିକ୍ଷକ ଅମିତ ସାହୁ, ସୁଶିଲ ଅମାତ, ଯୁବ ଉଦ୍ୟୋଗୀ ବେଦବ୍ୟାସ ପତି, ପ୍ରୟାର ସଭାପତି ରାଧେଶ୍ୟାମ ମିଶ୍ର, ସବ୍ୟସାଚୀ ମିଶ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ରଞ୍ଜୁ ଅମାତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସୁଶୀଲ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଟୁର୍ନାମେଣ୍ଟରେ ଆୟୋଜକ ଲୁତୁରପଙ୍କ ସମେତ ଏସଡୁସିଏ ସୋନପୁର, ସ୍ୱାର୍ଟନ ଭୁବନେଶ୍ୱର, ଜାମସେଦପୁର ଟାଟା ଏକାଦଶ, ବ୍ରହ୍ମପୁର ଏକାଦଶ, ଏନଏନଏସ ଆହ୍ଲାବାଦ(ଉତ୍ତର ପ୍ରଦେଶ), ବିଶାଖାପାଟନମ, ସେରସା ରାଞ୍ଚି, ଫରେଷ୍ଟ କ୍ରିକେଟ ଛତିଶଗଡ ଆଦି ଦଳ ଅଂଶଗ୍ରହଣ କରିବେ। ଡିସେମ୍ବର ୨୯ରେ ଏହାର ଫାଇନାଲ ମ୍ୟାଚ ହେବ। ଚାମ୍ପିୟନ ଦଳକୁ ନଗଦ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୩୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ସମ୍ପାଦକ ଶଶାଙ୍କ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନର ଉନ୍ନତ ପରୀକ୍ଷଣ ଉପରେ ଗୁରୁତ୍ୱ

ସୁନ୍ଦରଗଡ,୧୭।୧୨(ଡି.ଏନ.ଏ.)

ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ରର ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ହାଇବ୍ରିଡ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପ-ନିର୍ଦ୍ଦେଶକ(ସମ୍ପ୍ରସାରଣ) ଡ. ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ସୁନ୍ଦରଗଡ଼-୧ର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷ କାର୍ଯ୍ୟକ୍ରମର ଖସଡା ଉପସ୍ଥାପନା କରିଥିଲେ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-ଆଟାରି, କୋଲକତାର ପ୍ରମୁଖ ବୈଜ୍ଞାନିକ ଡ. ଅଭିଜିତ ହଲଦାର, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ପ୍ରମୁଖ ବୈଜ୍ଞାନିକ ଡ.ପ୍ରମୋଦ କୁମାର ପଣ୍ଡା, ଚିପିଲିମାସ୍ଥିତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ସଂଯୁକ୍ତା ମହାପାତ୍ର, କେନ୍ଦ୍ରୀୟ ରେଶମ ବୋର୍ଡର ସହ-ନିର୍ଦ୍ଦେଶକ ଡ. କିରଣ୍ୟ ପ୍ରଧାନ, କୃଷି ଜିଲା ଅଧିକାରୀ ଲମ୍ବୋଦର ପଟେଲ, ସହ ପ୍ରାଣୀ ଚିକିତ୍ସକ ଡ. ଏସ. ପି.



ବୈଠକରେ ଉପସ୍ଥିତ ବୈଜ୍ଞାନିକ ଓ ଅନ୍ୟମାନେ ।

ମହାପାତ୍ର, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଡନ ବସ୍କୋ, ଉପ ଜିଲା ପ୍ରବନ୍ଧକ (ନାବାର୍ଡ) ତାପସ କୁମାର ବେହେରା, ଆଞ୍ଚଳିକ କୃଷି ଗବେଷଣା ଉପ-କେନ୍ଦ୍ର, କିରେଇର ବରିଷ୍ଠ ବୈଜ୍ଞାନିକ ଡ. ସଂଜୀବ ବିଶ୍ୱାସୀ, ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରବାସିନୀ ଚକ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ସୁନ୍ଦରଗଡର ଶେଖର ଲାକ୍ରା, ଆକାଶବାଣୀ, ରାଉରକେଲାର ବିନୟ କୁଲୁ, ବିରେନ୍ଦ୍ର ପ୍ରତାପ ସିଂ ଓ ରବିନ୍ଦ୍ର କିଶାନ, କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ଓ ଝାରସୁଗୁଡାର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ମାନସୀ

**୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ**

ଭୋଳ, ସମୀର ରଞ୍ଜନ ଦାସ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ସୁନ୍ଦରଗଡର ବିଷୟବସ୍ତୁ ବିଶେଷଜ୍ଞ, ଗୋପାଳ ଚନ୍ଦ୍ର ଶୁକ୍ଳାଙ୍କ ସମେତ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ଆମନ୍ତ୍ରିତ ଅଗ୍ରଣୀ ଚାଷୀ ଓ ଏନଜିଓର କର୍ମକର୍ତ୍ତାମାନେ ଯୋଗଦେଇ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ । ଧାନର ଉନ୍ନତ ପରୀକ୍ଷଣ, ରୋଗ ପୋକ ପରିଚାଳନା, ଜୈବିକ କୃଷି, ଛତୁ ଚାଷ, ମହୁଚାଷ, ଜିଆଖତ ଚାଷ, ପୁଷ୍ପଶସ୍ୟ, ମାଣ୍ଡିଆ ଚାଷ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ଟମାଟୋ କିସମ, ମୃତ୍ତିକା ପରିଚାଳନା ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା, କୃଷି ଯାନ୍ତ୍ରୀକରଣ, ବାୟୋଫ୍ଲକ, କୃଷକ ଉତ୍ପାଦକ ସଂଗଠନ ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଶସ୍ୟ ବିଜ୍ଞାନୀ ଦ୍ୱିବେନ୍ଦୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଉପ-ନିର୍ଦ୍ଦେଶକ(ସମ୍ପ୍ରସାରଣ) ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଗଣ କେନ୍ଦ୍ରର ପରିସର ସହିତ ପୋଷ୍ୟଗ୍ରାମ ଫୁଲଧୁଡିରେ ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ।

# ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ବିଜ୍ଞାନ ପ୍ରଦର୍ଶନୀ

ସୁନ୍ଦରଗଡ,୧୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ବିଜ୍ଞାନ ପ୍ରଦର୍ଶନୀ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ୯୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶନିବାର ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଯୁଗପୋଯୋଗୀ ହେବା ପାଇଁ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ମାନବ କଲ୍ୟାଣ ପାଇଁ ସଫଳ ବୈଜ୍ଞାନିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଝାରସୁଗୁଡା ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜି,ସୁନ୍ଦରଗଡ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା,ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତଷ୍ଠାନର ଅଧକ୍ଷ ଶିବଶଙ୍କର ଷଡ଼ଙ୍ଗୀ,କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ,ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ସୁରଜ ପ୍ରକାଶ ଚୌଧୁରୀ,ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଚୌଧୁରୀ, ଜିଲା ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀମାନେ ୫ଟି ଉପ ବିଷୟ ଆଧାରରେ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ପ୍ରଯୁକ୍ତି ବିଦ୍ୟା ଓ ଖେଳନା ରେ ୫ଟି ଉପବିଷୟ ଆଧାରିତ ବିଜ୍ଞାନ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ସ୍ନେହା ନାଏକ-ହେମଗିରି ବ୍ଲକ କନକତୁରା ଉଚ୍ଚ ବିଦ୍ୟାଳୟ, ନବଜୀତ ବଡ଼ିଆ ରାଉରକେଲା ଚିନ୍ମୟ ବିଦ୍ୟାଳୟ, ସୋନିଆ ଭକ୍ତା କୁଆଁରମୁଣ୍ଡା , ବାନିଗୁନି ଉଚ୍ଚ ବିଦ୍ୟାଳୟ, ସନ୍ତୋଷିନୀ ତନ୍ତୀ ବାଲିଶଙ୍କରା କନ୍ୟାଶ୍ରମ, ସ୍ନେହାରାଣୀ ବେହେରା ବିଶ୍ରା ମହିପାନୀ ଆଦର୍ଶ ବିଦ୍ୟାଳୟ ଏବଂ ସେମିନାରରେ ସୁନ୍ଦରଗଡ ପବ୍ଲିକ ସ୍କୁଲର ସ୍ମୃତି ଶିଖା ଶତପଥୀ ମନୋନୀତ ହୋଇଛନ୍ତି। ମନୋନୀତ ପ୍ରତିଯୋଗୀମାନେ ଆସନ୍ତା ଜାନୁୟାରୀ ୪ ଓ ୫ ତାରିଖରେ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ସଂକ୍ଷେପରେ

### ହକି ବିଶ୍ୱକପ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ହେମଗିର,୧୭।୧୨(ଡି.ଏନ.ଏ.): ହକି ବିଶ୍ୱକପ ଉପଲକ୍ଷେ ସୁନ୍ଦରଗଡ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ହେମଗିର ବିଡିଓ ଡ.ଜଗଦୀଶ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ଦିନ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ଜିଲା ପରିଷଦ ର ମହିମା ସେଠ,ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କା,ହେମଗିର ସରପଞ୍ଚ ଗିତା କୁଅଁର ଯୋଗ ଦେଇଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା କରମା ନୃତ୍ୟ, କୃଷ୍ଣ ଗୁରୁ ସହ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଲହୁଣୀପଡା,୧୭।୧୨(ଡି.ଏନ.ଏ.): ଲହୁଣୀପଡା ବ୍ଲକ ଅନ୍ତର୍ଗତ ଲହୁଣୀପଡା ପଞ୍ଚାୟତ ସଭାକକ୍ଷଠାରେ ଶୁକ୍ରବାର ଦିନ ଲହୁଣୀପଡା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଘସିରାମ ମାହାନ୍ତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ସରପଞ୍ଚ ନେଲସନ ହେମ୍ବ୍ରମଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଯୋଗ ଦେଇଥିଲେ। ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ନାଏବ ସରପଞ୍ଚ ସସ୍ମିତା ମାହାନ୍ତ ମଞ୍ଚାସୀନ ଥିଲେ। ଜିଆରଏସ ନିରଞ୍ଜନ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ସରକାରୀ ଯୋଜନାର ସଠିକ ବିନିଯୋଗ କରିବାର ଦକ୍ଷତା ମାହାନ୍ତଙ୍କ ପାଖରେ ଯଥେଷ୍ଟ ଥିଲା ବୋଲି ଅତିଥିମାନେ କହିବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ମାହାନ୍ତ ତାଙ୍କ ଚାକିରୀ ଜୀବନର ଅନୁଭୂତି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମାହାନ୍ତଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମନୋଜ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡର ସଭ୍ୟାସଭ୍ୟ ଉପସ୍ଥିତ ଥିବା ବେଳେ ମନ୍ମଥ ମାହାନ୍ତ, ପିଣ୍ଟୁ ମାହାନ୍ତ, ଲକି ରାଉତ,ନିକୁଞ୍ଜ ସିଂ, ପ୍ରେମ କିଶୋର ଠାକୁର,ଲାଲ ମୋହନ ମାହାନ୍ତ, ଭୀମସେନ ମାହାନ୍ତ, ସୁରେଶ ମାହାନ୍ତ, ଜୟଦେବ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି।

### ନିଆରା ଢଙ୍ଗରେ ହେଲା ଶତାୟୁ ମହିଳାଙ୍କ ଅନ୍ତିମ ସତ୍କାର

କୁତ୍ରା,୧୭।୧୨(ଡି.ଏନ.ଏ.): ବିତାନ ଟପ୍ପୋ ନାମ୍ନୀ ଜଣେ ଶତାୟୁ ମହିଳାଙ୍କ ମୃତ୍ୟୁ ପରେ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ପକ୍ଷରୁ ନିଆରା ଢ଼ଙ୍ଗରେ ତାଙ୍କର ଅନ୍ତିମସତ୍କାର କରାଯାଇଛି। ମରଶରୀରକୁ ପାରମ୍ପରିକ ବାଦ୍ୟ ସହିତ ବାଣ ଫୁଟାଇ ଘରୁ ମଶାଣି ପର୍ଯ୍ୟନ୍ତ ନିଆଯାଇଥିଲା। ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବଡ଼ମାଲ କଣ୍ଟାଝାର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମୃତ୍ୟୁ ବେଳକୁ ବିତାନଙ୍କୁ ୧୨୦ ବର୍ଷ ହୋଇଥିବା ପରିବାର ବର୍ଗ ପ୍ରକାଶ କରିଛନ୍ତି। ଆଜିର ଦିନରେ ୫୦ରୁ ୬୦ ବର୍ଷ ବଞ୍ଚିବା କଷ୍ଟକର ହେଉଥିବା ବେଳେ ବିତାନ ୧୨୦ବର୍ଷ ବଞ୍ଚିଥିବାରୁ ନିଆରା ଭାବରେ ତାଙ୍କର ଅନ୍ତିମସତ୍କାର କରାଯାଇଥିବା ଗ୍ରାମବାସୀ କହିଛନ୍ତି।

# ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣୀ ଉତ୍ସବ ଉଦ୍‌ଯାପିତ

ରାଉରକେଲା ଅଫିସ, ୧୭।୧୨

ରାଉରକେଲା ସେକ୍ଟର-୬ ସ୍ଥିତ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାରେ ବିଦ୍ୟାଳୟର ପୁରାତନ କ୍ରୀଡ଼ା ଶିକ୍ଷକ ଜୟଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅନନ୍ତ ଉଦୟ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ରାଜଲକ୍ଷ୍ମୀ ପାତ୍ର ମୁଖ୍ୟ ଅତିଥି, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ମୁଦୁଲି, ପୂର୍ବତନ

**ସେକ୍ଟର-୬ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟ**

ଏବିଇଓ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା, ସିଆରସିସି ଦୀପକ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିବେକାନନ୍ଦ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ରଶ୍ମିତ କୁମାର ସାହାଣୀ ଏବଂ ଲୀନା ନାଏକ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଗୌରବ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୩୪ଟି ବିଭାଗରେ ଖେଳକୁଦ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁରୁଜ ଏବଂ ହସ୍ତଶିଳ୍ପ ପ୍ରତିଯୋଗିତା ସହିତ ନୃତ୍ୟ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନିରଞ୍ଜନ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ଜେନିପ୍ରିୟା ଲାକ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୋ ସ୍କୁଲ ଅଭିଯାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ସେଲ୍ ହକି ଏକାଡେମୀ ଚାମ୍ପିୟନ

ରାଉରକେଲା ଅଫିସ,୧୭।୧୨

ଆର୍‌ଏସ୍‌ପି ସେଲ୍ ହକି ଏକାଡେମୀ ୪୪ତମ ସର୍ବଭାରତୀୟ ସ୍ୱର୍ଗତ ନାରାୟଣ ସିଂ ସ୍ମାରକୀ ସ୍ୱର୍ଣ୍ଣ କପ୍ ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ସେଲ୍ ହକି ଏକାଡେମୀ ପେନାଲ୍ଟି ଷ୍ଟ୍ରୋକ୍‌ରେ ବେଲଗାମ ମରାଠ ରେଜିମେଣ୍ଟକୁ ୩-୧ ଗୋଲରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଦେଶର ୨୧ଟି ଦଳ ଅଂଶଗ୍ରହଣ କରିଥିଲେ। ବିଜେତା ଚାମ୍ପିୟନ ଦଳ ଭାବେ ସେଲ୍ ହକି ଏକାଡେମୀ ଟ୍ରଫି ସହ ୧.୨୧ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛି। ମଧ୍ୟପ୍ରଦେଶର ବାଲଘାଟର ଶହୀଦ ଚନ୍ଦ୍ରଶେଖର ଆଜାଦ ଖେଳ ମଇଦାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

# ସମସ୍ୟା ସମାଧାନକୁ ଗୁରୁତ୍ୱ


ବୈଠକରେ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ।

ଦେବଗଡ଼,୧୭।୧୨(ଡି.ଏନ.ଏ.)

**ଦେବଗଡ଼ ଜିଲା ଯୋଜନା କମିଟି ବୈଠକ**

ଦେବଗଡ଼ ଜିଲା ଯୋଜନା କମିଟି ବୈଠକ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଢୋଲକିଆ ଜିଲାରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ କହିଥିଲେ, ଆଜିର ବୈଠକରେ ଅନୁମୋଦନ କରାଯାଉଥିବା ସମନ୍ୱିତ ଯୋଜନା ଯେପରି ସଫଳ ଭାବେ ତୃଣମୂଳସ୍ତରରେ ପହଞ୍ଚିପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା। ଏହାସହ ଜନସାଧାରଣଙ୍କ ବିଭିନ ସମସ୍ୟା ସମାଧାନ ନିମନ୍ତେ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମନ୍ତ୍ରୀ ଢୋଲକିଆ ଦେବଗଡ ଜିଲାରେ କୃଷି, କ୍ଷୁଦ୍ର ଜଳସେଚନ, ବିଦ୍ୟୁତ୍, ମତ୍ସ୍ୟ ପୋଖରୀ, ବସୁନ୍ଧରା ଯୋଜନା, ମଧୁବାବୁ ପେନସନ, ଭିନ୍ନକ୍ଷମ ପେନସନ, ଶିକ୍ଷା, ଜଙ୍ଗଲ, ଯୋଗାଣ, କ୍ରୀଡ଼ା ଆଦି ଯୋଜନା ଉପରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପଚାରି ସେଗୁଡିକର ତର୍ଜମା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଉପ ପ୍ରକଳ୍ପ ନିର୍ଦ୍ଦେଶକ ରାମସେକ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉପସ୍ଥାପନ ହେଲା ଶିଶୁ ଅଧିକାର, ସମସ୍ୟା

ଦେବଗଡ଼,୧୭।୧୨(ଡି.ଏନ.ଏ.)

ରାଜନେତା, ସମାଜ ସୁଧାରକ, ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ନିଜ ଅଧିକାର ସମ୍ପର୍କିତ ଦାବି ଉପସ୍ଥାପନ କରିବା ପାଇଁ ଦେବଗଡ଼ ଜିଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଶିଶୁ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିଶୁମାନେ ରାଜନେତା ପୋଷାକ ପରିଧାନ କରି ଉଭୟ ଶାସକ ଓ ବିରୋଧୀ ଦଳର ସାଂସଦ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସଂସଦରେ ସେମାନଙ୍କ ଅଧିକାର ସମ୍ବନ୍ଧୀୟ ଆଲୋଚନା କରିଥିଲେ। ବିରୋଧୀ ଦଳ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିବା ବେଳେ ଶାସକ ଦଳ ସମସ୍ୟା ସମାଧାନ ଦିଗରେ ନେଇଥିବା ପଦକ୍ଷେପ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଶିଶୁ ସଂସଦକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସଂସଦୀୟ ବ୍ୟାପାର ସମ୍ବନ୍ଧରେ ଶିଶୁ ସାଂସଦମାନଙ୍କୁ ଉପଦେଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଶିଶୁମାନେ।

**ଦେବଗଡ଼ରେ ଶିଶୁ ସଂସଦ କାର୍ଯ୍ୟକ୍ରମ**

ଦେଇଥିଲେ। ଏହି ଶିଶୁ ସଂସଦରେ ବାଚସ୍ପତି ଭାବେ ଦେବଗଡ଼ ବିଧାୟକ ସୁବାଷ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ଦେବଗଡ ମ୍ୟୁନିସିପାଲିଟି ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଜିଲା ଭାଜପା ଉପସଭାପତି ଭାରତ ପ୍ରଧାନ, ଜିଲା ସମ୍ପାଦକ ସଚ୍ଚିକାନ୍ତ ଦାଶ, ଜିଲା ଆଦିବାସୀ ମହାସଂଘ ସଭାପତି ସେମ ହେମ୍ବ୍ରମ ଆଲୋଚନାକୁ ପରିଚାଳନା କରିଥିଲେ। ଶାସକ ଦଳ ଓ ବିରୋଧୀ ଦଳର ପ୍ରବକ୍ତା ଭାବେ ଗଣମାଧ୍ୟମର ପ୍ରତିନିଧି ଅଶୋକ ନନ୍ଦ, ସତ୍ୟନାରାୟଣ ମିଶ୍ର, ସୁଜାତା ସାହୁ, ସିଦ୍ଧେଶ୍ୱର ଗୁରୁ, ବ୍ରଜେଶ ସାହୁ, ଅନୁଜ ପ୍ରଧାନ, ଶିବାଶିଷ ଝାଙ୍କର, ନିର୍ମାଲ୍ୟ ସାହୁ, ପ୍ରତାପ ନାଏକ, ଶଶାଙ୍କ ଶେଖର ଝାଙ୍କର, ସିଦ୍ଧାର୍ଥ ଗୁରୁ, ସଞ୍ଜୀବ ପାଣିଗ୍ରାହୀ ଯୋଗଦାନ କରି ଶିଶୁ ସାଂସଦମାନଙ୍କୁ ସହଯୋଗ କରିଥିଲେ। ଜିଲା ଶ୍ରମ କମିଶନର ପ୍ରସନ୍ନ କୁମାର ସିଂ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରା, ଥାନା ଏସ୍‌ଆଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଶିଶୁ ସଂସଦରେ ଉପସ୍ଥିତ ରହି ସଂସଦୀୟ ପ୍ରଶ୍ନର ଉତ୍ତର ପ୍ରଦାନ କରିବା ସହିତ ବିଭାଗୀୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ଜୁରି ସଦସ୍ୟ ଭାବେ ଅତୁଲ୍ୟ କୁମାର ପୂଜାରୀ, ଦିଲୀପ ଗୁରୁ, ଅନୁପମ ରାଉତ, ଜ୍ୟୋସ୍ନାରାଣୀ ମିଶ୍ର ଓ ମନୋଜ ପାଢ଼ି ପ୍ରମୁଖ ଯୋଗଦାନ କରିଥିଲେ। ଶିଶୁ ସଂସଦ କାର୍ଯ୍ୟକ୍ରମରେ ସରକାରୀ ବାଳିକା ବିଦ୍ୟାଳୟ ଚାମ୍ପିୟନ ଓ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲେ। ବାଳ ଭାରତୀ ସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ ସେମି ଫାଇନାଲିଷ୍ଟ ଦଳ ହୋଇଥିଲେ। ଏତଦ୍‌ବ୍ୟତୀତ ଚିନ୍ମୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତିଲେଇବଣି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁ ସଂସଦ ହୋଇଥିବା ବେଳେ ସୁରକ୍ଷା ଅଧିକାରୀ ଚିନ୍ମୟ କୁମାର ସ୍ୱାଇଁ, ଆକ୍ସନ ଏଡ୍ ଜିଲା ସଂଯୋଜକ ପୀତବାସ ବେହେରା, ଉପେନ୍ଦ୍ର ଭଞ୍ଜ, ତରୁଣ କୁମାର ସାମଲ, ଦୋଳଗୋବିନ୍ଦ, ଲିପନ ପ୍ରଧାନ, ସୁମିତ୍ରା ତିର୍କୀ ଏବଂ ପ୍ରେମାନନ୍ଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

ରାଉରକେଲା ଅଫିସ,୧୭।୧୨

ଝିରପାଣି ଥାନା ଅନ୍ତର୍ଗତ ସାରଣାଛକ ଏକ କୁକୁଡା ଦୋକାନ ପଛପଟେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗଦାର ଶୁଶାନ୍ତ କାରନା(୨୯), ଝିରପାଣିର ଶୁକ୍ରା କେରକେଟ୍ଟା(୩୭) ଓ ଅରୁଣ କୁମାର ସାହୁ(୫୪)। ଜୁଆ ଆଡ୍ଡାରୁ ୨ଟି ତାସପତା ସହ ୭ ହଜାର ୭୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୬।୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟା ସାଢେ ୮ଟାରେ ଜଗଦା ସାରଣା ଛକର ଏକ କୁକୁଡା ଦୋକାନ ପଛପଟେ ଜୁଆ କାରବାର ଚାଲିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ପୋଲିସ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ ଜଣ ଫେରାର ହୋଇ ଯାଇଥିଲେ।

# କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ଲହୁଣିପଡା,୧୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡାସ୍ଥିତ ବହୁମୁଖୀ ଖେଳପଡ଼ିଆଠାରେ ଶନିବାର ଦିନ ବିଶ୍ୱକପ ହକି ପ୍ରତିଯୋଗିତା ଉପଲକ୍ଷେ ଲହୁଣୀପଡା ବ୍ଲକ କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ବ୍ଲକ କଳାକାର ସଂଘର ଉପସଭାପତି ପ୍ରଫୁଲ୍ଲା ପଲେଇ ଯୋଗ ଦେଇଥିଲେ। ବିଡ଼ିଓ ଧାନାଇ ଚରଣ ଟୁଡୁ ଅଧକ୍ଷତା କରିଥିଲେ। ଡବ୍ଲୁଇଓ ଭାଗବତ ଟୁଡୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଭୁବନାନନ୍ଦ କିଷାନ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପାରମ୍ପରିକ ବାଦ୍ୟ, ନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଅତିଥିମାନେ ଫିତାକାଟି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ବିଶ୍ୱକପ ହକି ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୨୦୨୩ ପୁରୁଷ ବର୍ଗର ହକି ବିଶ୍ୱକପ ଓଡିଶାରେ ହେବାକୁ ଯାଉଛି । ଏହା ଉଭୟ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି। ତେଣୁ ଓଡିଶା ସରକାର ଏହାକୁ ଆହୁରି ଉତ୍କୃଷ୍ଟ କରିବା ନିମନ୍ତେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରିଛନ୍ତି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଥମେ କ୍ଲଷ୍ଟର ଏବଂ ଜିଲା ସ୍ତରରେ ଅନୁଷ୍ଠିତ ହେବ। ଏହାର ଦାୟିତ୍ୱ ସମସ୍ତ ବିଡିଓ ଏବଂ ସ୍ଥାନୀୟ ସରପଞ୍ଚମାନଙ୍କୁ ଦିଆଯାଇଛି ବୋଲି ଅତିଥି ସୂଚନା ଦେଇଥିଲେ। ଶନିବାର ଦିନ ୬ଟି ପଞ୍ଚାୟତକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୫୬ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିବା ଜଣାପଡିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସାଂସ୍କୃତିକ ଦଳଙ୍କୁ ଉତ୍ସାହିତ କରିବା ନିମନ୍ତେ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ଶଙ୍ଖପୋଷ ପଞ୍ଚାୟତ ସରପଞ୍ଚ ପ୍ରେମନାଥ ମୁଣ୍ଡା, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଦର୍ଜାଂ ସରପଞ୍ଚ ସିଂ ରାୟ ମୁଣ୍ଡା, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ସମୃଦ୍ଧ ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ


ଡନବସ୍କୋ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

କୁଆଁରମୁଣ୍ଡା,୧୭।୧୨(ଡି.ଏନ.ଏ.)

ଦେଶର ଭବିଷ୍ୟତ ହେଉଛନ୍ତି କୋମଳମତି ଛାତ୍ରୀଛାତ୍ର । ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରି ସୁନାଗରିକ ଭାବେ ଗଢି ତୋଳୁଥିବାରୁ ସମୃଦ୍ଧ ରାଷ୍ଟ୍ର ଗଠନରେ ଗୁରୁମାନଙ୍କର ଭୂମିକା ଅତୁଳନୀୟ । ଶନିବାର ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ସରଣ୍ଡାମାଲ ନିକଟସ୍ଥ ଡନବସ୍କୋ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଧାୟକ ନାୟକ ଏହି ବିଦ୍ୟାଳୟର ଉନ୍ନତି ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆନୁସଙ୍ଗିକ ବ୍ୟବସ୍ଥା ଖୁବଶୀଘ୍ର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ବିଦ୍ୟାଳୟରେ ସର୍ବମୋଟ ୨ହଜାର ୭ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜାଣି ମୁଖ୍ୟଅତିଥି ବିଦ୍ୟାଳୟର ରେଭରେଣ୍ଡ ହିଲାରିୟସ କୁଲୁଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ପୂର୍ବତନ ବିଧାୟକ ରେମିଶ୍ କେର୍କେଟା, ରେଭରେଣ୍ଡ ଫାଦର ହିଲାରିୟସ କୁଲୁ, ଓଡିଆ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ଭାଲେରିଆନ ଟପ୍ପୋ, ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ସମୀର ତିର୍କୀ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ପଦମପୁର ସରପଞ୍ଚ ଦିଲୀପ ଏକ୍କା, ପୁଟ୍ରିଖମଣ ସରପଞ୍ଚ ନରେଶ ସୁରିନ୍ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ମନ ମୋହିଥିଲା । ମଞ୍ଚ ପରିଚାଳନା କରିଥିଲେ ସରୋଜ ତିର୍କୀ ଓ ସାମା କୁଜୁର । ଫାଦର ଇସଦୋର, ଆଣ୍ଟ୍ରି, ପ୍ରଫୁଲ, ବିଜୟ ଲୁଗୁନ୍, ସିକନ୍ଦରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ।

